

ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବୁଢ଼ାରଜା ଶିବରାତ୍ରି ମେଳା କର୍ମକର୍ତ୍ତା ଚୟନ

ସମ୍ବଲପୁର, ୬।୨ (ବ୍ୟୁରୋ)- ବୁଢ଼ାରଜା ମହାଶିବ ରାତ୍ରି ମେଳା- ୨୦୧୯ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଦେବେନ୍ଦ୍ର କିଶୋର ପତି ସଭାପତି ଓ ଧୀରେନ୍ଦ୍ର ବର୍ଚ୍ଛା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି ବୁକନ୍ ପଟ୍ଟନାୟକ ଉପସଭାପତି, ବିଶ୍ୱଜିତ ଚନ୍ଦ୍ର ଦେବତା ସମ୍ପାଦକ, ରାଜା ହଲୱାଇ କୋଷାଧକ୍ଷ ଓ ସରୋଜ ସାହୁ ସହକୋଷାଧକ୍ଷ ରହିଛନ୍ତି ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ରେଢ଼ାଖୋଲ, ୬।୨(ଡି.ଏନ.ଏ.)
ରେଢ଼ାଖୋଲସ୍ଥିତ ସତସଙ୍ଗବିହାରଠାରେ ବୁଧବାର ଯୁଗପୁରୁଷୋତ୍ତମ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଆବିର୍ଭାବ ମହୋତ୍ସବ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ସକାଳୁ ମାଙ୍ଗଳିକ ସାହାନାଇ, ଉଷାକୀର୍ତ୍ତନ ଓ ନାମସଂକୀର୍ତ୍ତନ ସହ ଅନୁଗାମୀମାନେ ନଗର ପରିକ୍ରମା କରିଥିଲେ। ବାବାଜୀ ମିଶ୍ର, ତାପସ କୁମାର ସାହୁ ଠାକୁରଙ୍କ ଭାବଧାରା, ଅମିୟବାଣୀ ଉପରେ ଆଲୋଚନା କରିଥିଲେ। ନାରାୟଣ ଶତପଥୀ, ଲବଣି ଗଡନାୟକଙ୍କ ସମେତ ସମସ୍ତ ଅନୁଗାମୀମାନେ ସହଯୋଗ କରିଥିଲେ।

### ଲୁଟ୍ ଘଟଣାରେ ଆଉ ଜଣେ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୬।୨ (ବ୍ୟୁରୋ)
ବରଗଡ ଜିଲା ଭେଡେନ ବ୍ଲକ ଡାଲବି ଗ୍ରାମର ସ୍ୱରାଜ ପୁରୋହିତଙ୍କଠାରୁ ଜାନୁୟାରୀ ୨୧ ତାରିଖ ରାତିରେ ଲୁଟ୍ ଘଟଣାରେ ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କଟରଧୁଆର ପ୍ରକାଶ ବେହେରା (୨୩)। ପୂର୍ବରୁ ଦେହୁରୀପାଲିର ସୁରଜ ମଣ୍ଡଳ (୨୭) ଗିରଫ ହୋଇଥିଲେ।

### କୃମି ଔଷଧ ପାଇଁ ତାଲିମ

ପଡିଆବାହାଲ, ୬।୨ (ଡି.ଏନ.ଏ)- ଜନ୍ମରୁ ୧୯ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାଙ୍କୁ କୃମି ନାଶକ ଔଷଧ ଖୁଆଇ କୃମି ଜନିତ ରୋଗମୁକ୍ତ କରାଯିବ। ଏହି ଲକ୍ଷ୍ୟ ରଖି ଝୁଝୁମୁରା ସିଏଚସି ପକ୍ଷରୁ ଫୁଲଝରଣସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ କୃମି ନାଶକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଡା. ରଞ୍ଜନ କୁଜୁର, ଅଗସ୍ତିଚରଣ ଗଡତିଆ, କୁଳଧର ପଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଆଲୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ବୁଲିଲା କାଳିଆ ରଥ

ପଡିଆବାହାଲ, ୬।୨ (ଡି.ଏନ.ଏ)
ଝୁଝୁମୁରା ବ୍ଲକ ପରିସରରେ ବିଡିଓ ନୀଳାମ୍ବର ମହାନନ୍ଦ କାଳିଆ ଯୋଜନା ସଚେତନ ରଥକୁ ଶୁଭାରମ୍ଭ କରିଛନ୍ତି । ବ୍ୟୋମକେଶ ମିଶ୍ର, ନବୀନ ପ୍ରଧାନ, ଅରୁଣ ମେହେର, ବିକାଶ ପଧାନ, ଓମପ୍ରକାଶ ବିଶ୍ୱାଳ ଏବଂ ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା ରଥ ବ୍ଲକର ପ୍ରତିଟି ପଞ୍ଚାୟତର ସର୍ବ ନିମ୍ନ ୩ଟି ସ୍ଥାନରେଜନ ସଚେତନା ସୃଷ୍ଟି କରିବ। ତେବେ ଝୁଝୁମୁରା, ଡଙ୍ଗାପାଲି ଓ କୁଟୁବେରନି ଗାଁରେ ରଥ ପହଞ୍ଚିବା ପରେ ପାଲାକଳାକାର ମହେନ୍ଦ୍ର ନାଏକ ପାଲା ମାଧମରେ କାଳିଆ ଯୋଜନାକୁ ନେଇ ସଚେତନ କରିଥିଲେ ।

---

## ଝୁଝୁମୁରା ବ୍ଲକରେ ଗାଈ ଖାଉଛନ୍ ଛତୁଆ ଘଟନା

# ତଲୁ ଉପର ତକ୍ ସାମିଲ

ସମ୍ବଲପୁର,୬।୨(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ ଗରଭିନି, ପିଲାଦି ମହିଲା ଆର ୧ରୁ ୬ ବଛର୍‌ର ପିଲାମାନକୁ ଛତୁଆ ବଁଟାଯାଉଛେ। ପିଲା ଆର ମା’ର ସୁଆସ୍ତିଅକେ ଧିଆନ୍ ଦେଇ ସରକାର ଇ ପୁଷ୍ଟିକର ଖାଏଦ୍ ଯୁଗେଇ ଦେଉଛନ୍। ଥାନୀୟ ସ୍ୱୟଂ ସହାୟକ ଦଲ(ଏସଏଚଜି)ମାନକୁ ଛତୁଆ ତିଆରି ଦାଇତିଅ ଦିଆଯାଇଛେ। ସେମାନେ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ପିଲାମାନକୁ ବେଲାକେ ଖାଏବାକେ ଦେବାର ସଂଗେ ମହିଲାମାନକୁ ଶୁଖା ଖାଏଦ୍ ବାଁଟୁଛନ୍। ହେଲେ ଝୁଝୁମୁରା ବ୍ଲକରେ ଅତି ହଲ୍‌କା କିସମର ଛତୁଆ ବଁଟା ଯାଉଥିବାର ଅଭିଯୋଗ ହେଇଥିଲା। ଅଭିଯୋଗକେ ଆଧାର କରି ଗଲା ୨୦୧୮ ଡିସେମ୍ବର ୨ ତାରିଖ୍‌ରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ଗାଈ ଖାଉଛନ୍ ସରକାରୀ ଛତୁଆ’ ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଜିଲା ପରଶାସନ ଘଟନାର ତଦଁତ୍ କରି ରିପୋର୍ଟ ଦାଖଲ କରବାକେ ଝୁଝୁମୁରା ସିଡିପିଓଙ୍କୁ ନିରଦେଶ ଦେଇଥିଲା। ହେଲେ ଇ ଘଟନାକେ ଆଏଜ୍‌କେ ୨ ମାସ ବିତିଗଲାନ, ହେଲେ ଇ ଦିଗେ କେହେନ୍‌ସି ପରକାର ପଦକ୍ଷେପ ନେଲା ଲେଖେଁ ନାଇଁ ଦିଶବାର। ଆରଗୁଟେ ଆଢ଼େ ତଦଁତ୍‌କେ ଜରିଆ କରି ଦାଇତିଅରେ ଥିବାର ଏସଏଚ୍‌ଜିକେ ସୁରକ୍ଷା ଦିଆଯାଉଥିବାର ବି ଅଭିଯୋଗ ହେଉଛେ। ଅତି ହଲ୍‌କା କିସମର ଛତୁଆ ବାଁଟବାରେ ଅଧିକାରୀମାନେ ପୋରଛାହନ ଦେଉଛନ୍। ଘଟନାରେ ତଲୁ ଉପର ତକ୍ ସଭେ ସାମିଲ ଥିବାର ଅଭିଯୋଗ ହେଉଛେ। ଇ ଘଟନାକେ ନେଇ ସାଧାରନ୍‌ରେ ଅସନ୍‌ତୋଷ ପରକାଶ ପାଉଛେ। ଝୁଝୁମୁରା ବ୍ଲକର ୧୮ଟା ପଁଚେତରେ ୧୯୮ଟା ଅଙ୍ଗନୱାଡି ଆର ମିନି ଅଙ୍ଗନୱାଡି କେନ୍ଦ୍ର ରହିଛେ। ପାଖାପାଖି ୩ ହଜାର ପିଲା ଆର ଗରଭିନି ମହିଲାକୁ ଛତୁଆ ଦିଆଯାଉଛେ। ହେଲେ ଛତୁଆ ଅତି ହଲ୍‌କା କିସମର ହେବାର ଲାଗି ଡର୍‌ହେ କେହି ନାଇଁ ଖାଏବାର, ଗାଈଗୋରୁଙ୍କୁ ଖାଏବାକେ ଦେଉଛନ୍। ଗଡ଼ଗଡ଼ବାହାଲ ଗାଁର ହରିପ୍ରୀୟା ସ୍ୱୟଂ ସହାୟକ ଦଲ ଆର କବରାପାଲିର ସ୍ୱୟଂ ସହାୟକ ଦଲକେ ଛତୁଆ ତିଆର କରବାର ଦାଇତିଅ ଦିଆଯାଇଛେ। ହେଲେ ସେମାନେ ଛତୁଆରେ ଯେନ୍ ହିସାବେ ଗହମ, ଚିନାବାଦାମ, ଚିନି, ଗୁଟା ବୁଟ ମିଶାବାର କଥା ନାଇଁ ମିଶଉଥିବାର ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ଛତୁଆର ସୁଆଦ୍ ଠିକ୍ ନାଇଁ ରହେବାର ଆର ଗାଈଗୋରୁ ଛଡ଼ା କେହି ନାଇଁ ଖାଏବାର। ଏନ୍‌ତା କି ଅଭିଯୋଗ ହେଲା ଉତାରୁ ବି କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯିବାର। ଯେନ୍‌ଥିରଲାଗି ଇ ଘଟନାରେ ବିଭାଗୀୟ ଅଧିକାରୀମାନେ ସାମିଲ ଥିବାର ଲୋକ୍ ସଁଧେ କରୁଛନ୍। ସେଥିରଲାଗି ଉନିଆ ବିଭାଗ ଦୁଆରା କି ଖାଏଦ୍‌ର ମାନ୍ ଯାଁଚ୍ କରୁଥିବାର କେହେନ୍‌ସି ସରକାରୀ ସଂସ୍ଥା ଇ ଛତୁଆର ମାନ୍ ଯାଁଚ୍ କରବାକେ ଦାବି ହେଉଛେ। ଇ ବାବ୍‌ଦେ ଡିଏସଡବ୍ଲୁଓ ଗୀତାଞ୍ଜଳି ମହାପାତ୍ରଙ୍କୁ ପଚରାଲାରୁ ଅଭିଯୋଗ ଉପରେ ତଦଁତ୍ ଚାଲିଛେ। ଛତୁଆର ମାନ୍ ଯାଁଚ୍ କରି ବାଁଟବାକେ ସିଡିପିଓଙ୍କୁ ନିରଦେଶ ଦିଆଯାଇଛେ ବଲି ସେ କହିଥିଲେ।



ସମ୍ବଲପୁର ଜିଲା ଝୁଝୁମୁରାରେ ବଁଟା ହେଉଥିବାର ଛତୁଆ।

---

### ୮ରେ ବିଶାଳ ଜାଗରଣ

ସମ୍ବଲପୁର, ୬।୨ (ବ୍ୟୁରୋ)
କ୍ଷେତରାଜପୁର ମାଁ ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚଳିତ ମାସ ୮ ତାରିଖ ବିଶାଳ ଜାଗରଣ ହେବ । ଏଥିପାଇଁ ପ୍ରସ୍ତୁତି ଚାଲିଛି । ଏହି ଦିନ ସକାଳ ୮ଟାରେ ସମଲେଶ୍ୱରୀ ମନ୍ଦିର ଛକରୁ କ୍ଷେତରାଜପୁର ବୈଷ୍ଣୋଦେବୀ ମନ୍ଦିର ପର୍ଯ୍ୟନ୍ତ କଳସ ଯାତ୍ରା ହେବ । ସନ୍ଧ୍ୟା ସାଢ଼େ ୭ଟାରେ ପୂଜାର୍ଚ୍ଚନା କରାଯିବ। ଇଣ୍ଡିଆନ୍ ଆଇଡଲ୍ ଫେମ୍ ଦିଲ୍ଲୀର ମୋହିତ ଚୌପଡା ଓ ନିଧି ସାହିଲ ସଂଗୀତ ପରିବେଷଣ କରିବେ । ସେହିପରି ଇଣ୍ଡିଆସ୍ ଗଡ୍ ଟ୍ୟାଲେଣ୍ଟ ବିଜେତା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିବେ । ସୂଚନାଯୋଗ୍ୟ ଯେ, ମାଁ ବୈଷ୍ଣୋଦେବୀ ମନ୍ଦିରର ୩୨ତମ ପ୍ରତିଷ୍ଠା ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ହେବ। ସେହିପରି ୯ ତାରିଖ ରାତ୍ରି ସାଢ଼େ ୭ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ମନ୍ଦିର ପ୍ରାଙ୍ଗଣରେ ବିଶାଳ ଭଣ୍ଡାର କାର୍ଯ୍ୟକ୍ରମ ହେବ । ଟ୍ରଷ୍ଟ ସଭ୍ୟ ଦିନଦୟାଲ ବରେଲିଆ, କେୱଲ ନୈନ ସେହେଗଲ୍, ଜ୍ଞାନ ପ୍ରକାଶ ଅଗ୍ରୱାଲ, ରମେଶ ଭାଇ ପଟେଲ, ମଙ୍ଗତୁରାମ ଅଗ୍ରୱାଲ, ଶିବଶଙ୍କର ରାଠି, ପ୍ରଦୀପ କୁମାର କୁସମିରି, ପ୍ରହଲ୍ଲାଦ ରାୟ ଫରମାନିଆ, ଅଶୋକ ଅରୋରା, ମାଧବ ଡାଲମିଆ, ଅଜୟ କୁମାର ପୌଦାର, ପ୍ରେମ କୁମାର ମୁଞ୍ଝାନୀ ପ୍ରସ୍ତୁତିରେ ଲାଗିଛନ୍ତି । ଏଥିସହ ସମ୍ବଲପୁର, ବରଗଡ, ଝାରସୁଗୁଡା ଅଞ୍ଚଳର ୩୮ଜଣ ସହଯୋଗୀ ସଭ୍ୟ ରହିଛନ୍ତି ।

### ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## କୋଲକାତାକୁ ହରାଇ ଝାଡ଼ଖଣ୍ଡ ବିଜୟୀ

ସମ୍ବଲପୁର, ୬।୨ (ବ୍ୟୁରୋ)
ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ମ୍ୟାଚରେ କୋଲକାତା ଚିଡି ଏକାଡେମୀକୁ ହରାଇ ଝାଡ଼ଖଣ୍ଡ ଡାଇରେକ୍ଟର ଏକାଦଶ ବିଜୟୀ ହୋଇଛି। ପିତାପାଲି ସମ୍ବଲପୁର ଫୁଟବଲ ଏକାଡେମୀ ପଡିଆଠାରେ ଝାଡ଼ଖଣ୍ଡ ବନାମ କୋଲକତା ମ୍ୟାଚ ହୋଇଥିଲା। ପ୍ରାରମ୍ଭରୁ ଝାଡ଼ଖଣ୍ଡ ଖେଳାଳିମାନେ ବିପକ୍ଷ ଗୋଲପୋଷ୍ଟ ଉପରେ ତୁହାକୁ ତୁହା ଆକ୍ରମଣ କରିଥିଲେ । ଫଳସ୍ୱରୂପ ମ୍ୟାଚର ୬ତମ ମିନିଟରେ ଝାଡ଼ଖଣ୍ଡର ଜର୍ସି ନଂ– ୧୬ ପ୍ରକାଶ ଟିଡୁ ଏକ ଦର୍ଶନୀୟ ଗୋଲସ୍କୋର କରିଥିଲେ । ଏହାପରେ ୭ମ ଓ ୧୫ତମ ମିନିଟରେ ଜର୍ସି ନଂ– ୯ ଏ. ଟପ୍ପୋ ୨ଟି ଗୋଲସ୍କୋର କରିବାରେ ସଫଳ ହୋଇଥିଲେ । ଯଦ୍ୱାରା ଦଳ ୩–୦ ଗୋଲରେ ଅଗ୍ରଣୀ ହୋଇଥିଲା । ଏହାପରେ ମ୍ୟାଚର ୬୦ତମ ମିନିଟରେ କୋଲକାତାର ଜର୍ସି ନଂ– ୧୧ ଏସ. କାରୁ ଏକ ଗୋଲସ୍କୋର କରିଥିଲେ। ତେଣୁ ଝାଡ଼ଖଣ୍ଡ ୩–୧ ଗୋଲରେ ବିଜୟୀ ହୋଇଥିଲା । ମଝି ପଡିଆରେ ରେଫରି ଏସ. କୁମାର ବେହେରା ପରିଚାଳନା କରିଥିଲେ । ତାଙ୍କୁ ଲାଇନରେ ଅଶୋକ ପଣ୍ଡା ଓ କୌଶିକ ଭୋଇ ସହଯୋଗ କରିଥିଲେ । ପ୍ରଶାନ୍ତ କୁମାର ପଲ୍ ଚତୁର୍ଥ ରେଫରି ଥିଲେ ।

---

## ଦୁବାଇରେ କୈଳାସ ସତ୍ୟାର୍ଥୀଙ୍କୁ ପ୍ରବାସୀ ଓଡ଼ିଆଙ୍କ ସମ୍ବର୍ଦ୍ଧନା



ଦୁବାଇଠାରେ ପ୍ରବାସୀ ଓଡିଆମାନେ ନୋବେଲ ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ସମ୍ବଲପୁର, ୬।୨ (ବ୍ୟୁରୋ)
ୟୁନାଇଟେଡ୍ ଆରବ ଏମିରେଟ୍ସ୍ – ୟୁଏଇ ଦୁବାଇଠାରେ ପ୍ରବାସୀ ଓଡ଼ିଆମାନେ ନୋବେଲ୍ ପୁରସ୍କାର୍ ବିଜେତା ତଥା ବଚ୍‌ପନ୍ ବଚାଓ ଆନ୍ଦୋଳନ୍‌ର ପୁରୋଧା କୈଳାସ ସତ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ବହୁସଂଖ୍ୟକ ପ୍ରବାସୀ ଓଡ଼ିଆ ପରିବାରଙ୍କ ସମାଗମ ହୋଇଥିଲା । ଶୈଶବର ମଧ୍ୟ ମୂଲ୍ୟବୋଧ ରହିଛି । ସରଳତା, ପାରଦର୍ଶିତା, କ୍ଷମା ଭଳି ଗୁଣ ମଣିଷକୁ ଭବିଷ୍ୟତରେ ସହାୟକ ହୋଇଥାଏ। ଏଣୁ ଶିଶୁମାନଙ୍କୁ ପଢ଼ାଇବା ସହ ସେମାନଙ୍କଠାରୁ କିଛି ଶିଖିବାର ମଧ୍ୟ ରହିଛି । ଏମାନଙ୍କଠାରୁ ଜୀବନର ମୂଳ ଉପାଦାନ, ସାହସ, ପବିତ୍ରତା ପ୍ରତିଫଳିତ ହୋଇଥାଏ ବୋଲି ସତ୍ୟାର୍ଥୀ କହିଥିଲେ। ବରପାଲିର ଝିଅକୁ ବୋହୂ କରିଥିବା ସତ୍ୟାର୍ଥୀ ୮୭ ହଜାର୍ ଶିଶୁଙ୍କୁ ଶୋଷଣରୁ ମୁକ୍ତ କରିବା ସହ ଶିଶୁମାନଙ୍କ ପାଇଁ ଶିକ୍ଷା ଓ ଥଇଥାନ ସକାଶେ ଇଞ୍ଜିନିୟରିଂ ଚାକିରି ଛାଡ଼ି ସେବା ମାର୍ଗରେ ଅଭିଯାତ୍ରୀ ଭାବେ ସରଳ ଜୀବନଯାପନ କରୁଛନ୍ତି ବୋଲି ୱିପ୍ରୋ ମଧ୍ୟପ୍ରାଚ୍ୟର ଜିଏମ୍ ପ୍ରିୟଦର୍ଶୀ ପାଣିଗ୍ରାହୀ ସୂଚନା ଦେଇଥିଲେ । ମ୍ୟାନେଜର୍ ଦୀପକ୍ ନାଏକ ଯୋଗଦେଇ ସାହସ, ପ୍ରତିବଦ୍ଧତା ଓ ଦୂରଦୃଷ୍ଟି ସମ୍ପନ୍ନତାର ସତ୍ୟାର୍ଥୀ ପ୍ରତୀକ ବୋଲି କହିଥିଲେ। ମାନସ ପଣ୍ଡା ଶିଶୁମାନଙ୍କୁ ଶୋଷଣ ଓ ବନ୍ଧନ ମୁକ୍ତ କରିବା ବିଷୟରେ ଆଲୋକପାତ କରିଥିଲେ। ଶୁଭେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

---

## ୮ରୁ ପଞ୍ଚମ ହୀରାକୁଦ ମହୋତ୍ସବ

# ୩ଶହ କଳାକାରଙ୍କ ସମାଗମ ହେବ

ସମ୍ବଲପୁର, ୬।୨ (ବ୍ୟୁରୋ)
ପଞ୍ଚମ ହୀରାକୁଦ ମହୋତ୍ସବ-୨୦୧୯ ସୁବାଷ ମଇଦାନଠାରେ ଆସନ୍ତା ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବ । ଏଥିରେ ରାଜ୍ୟ ତଥା ରାଜ୍ୟବାହାରୁ ୩ଶହ କଳାକାରଙ୍କ ସମାଗମ ହେବ । ଏଥିପାଇଁ ପ୍ରସ୍ତୁତି ଚାଲିଛି। ମହୋତ୍ସବରେ ଯୁବ କଳାକାରମାନଙ୍କୁ ସୁଯୋଗ ଦିଆଯିବାକୁ ସ୍ଥିର କରାଯାଇଛି । ଏଥିପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର କରାଯାଇଛି । ବୁଧବାର ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ଏକ ହୋଟେଲର ସମ୍ମିଳନୀ କକ୍ଷରେ ହୀରାକୁଦ ମହୋତ୍ସବ ଆୟୋଜକ କମିଟି ଖବରଦାତାଙ୍କୁ ଏହା କହିଛନ୍ତି । ଏହି ମହୋତ୍ସବରେ ସାହିତ୍ୟ, ନୃତ୍ୟ, ଗୀତ ଓ ବାଦ୍ୟର ସଙ୍ଗମ ହେବ । ତେଣୁ ୧୦ ତାରିଖ ପୂର୍ବାହ୍ନ ୯ଟାରେ ଘଣ୍ଟ, ଶଙ୍ଖ, ଦୁଲଦୁଲି ସହ କଳାକାରମାନେ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରିବେ। ସନ୍ଧ୍ୟାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଜାତୀୟ ସଂଗୀତ ଗାନ କରିବା ସହ ତବଲା ବାଦ୍ୟକୁ ନେଇ ଫ୍ୟୁଜନ୍ ହେବ। ଏହାପରେ ସମ୍ବଲପୁରୀ ଲୋକଗୀତ କାର୍ଯ୍ୟକ୍ରମରେ ଶାନ୍ତନୁ ସାହୁ, ଶୀତଳ ସାହୁ, ପ୍ରକାଶ କୁମାର ଗୀତ ଗାନ କରିବେ । ସେହିପରି ବରଗଡ ଢୁଲିଆ ଖୁସା ସାଂସ୍କୃତିକ ଅନୁଷ୍ଠାନର ନଚନିଆଁ, ପୁରୀ ଡ୍ୟାନ୍ସ ଏକାଡେମୀର ଓଡିଶୀ ନୃତ୍ୟ, ତୁଷୁରା କୃଷ୍ଣ ପ୍ରିୟ କଳା ପରିଷଦର ଘୁବୁକୁଡୁ, ହୀରାକୁଦ ଶକ୍ତି କ୍ଲବର ନୃତ୍ୟ ସହ ହାସ୍ୟକବି ଦେବେନ୍ଦ୍ର ସାହୁ ବ୍ୟଙ୍ଗ ପରିବେଷଣ କରିବେ। ୯ରେ ପଶ୍ଚିମ ଓଡିଶା କଳାକାରମାନେ ବ୍ୟବହାର କରୁଥିବା ବିଭିନ୍ନ ବାଦ୍ୟଯନ୍ତ୍ରର ଫ୍ୟୁଜନ୍ ହେବ । ଏହାପରେ ବାସୁଦେବ ପୁରୋହିତ, ନିଲିମା ମହାନ୍ତି, ପ୍ରସନ୍ନ କୁମାର ଗୀତ ଗାନ କରିବେ । ଲୋକନୃତ୍ୟ ପର୍ଯ୍ୟାୟରେ ବିଜେପୁର ଜୟଫୁଲ ସାଂସ୍କୃତିକ ଅନୁଷ୍ଠାନର ପଞ୍ଚରସି ନୃତ୍ୟ, ଟିଟିଲାଗଡ ଉତ୍କଳ କଳାକେନ୍ଦ୍ରର ଢାପ ନୃତ୍ୟ, ହୀରାକୁଦ ଥିମ୍ କ୍ରିୟେସନ୍‌ର ଢେନସା ନୃତ୍ୟ, ଭବାନୀପାଟଣା କଳିଙ୍ଗ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନାଚ, ବୌଦ୍ଧ ବାଉଲି କଳାପରିଷଦ କଳାକାରମାନେ ଚୁଟକୁଚୁଟା ନୃତ୍ୟ ପରିବେଷଣ କରିବେ । ଏହାପରେ ଗୁଣରଞ୍ଜନ ସାଲିମା ହାସ୍ୟ କବିତା ପାଠ କରିବେ । ଉଦ୍‌ଯାପନୀ ଦିବସରେ ବୁଲୁ ପଣ୍ଡା, ଶ୍ରୀମନ୍ତ କୁମାର ବେହେରା, ଅର୍ଚ୍ଚିତା ଦାଶ, ଶଙ୍କରପ୍ରସାଦ ଦତ୍ତ ଗୀତ ଗାନ କରିବେ । ଏଥିସହ ବଲାଙ୍ଗୀର ଗୋଧନ ସାଂସ୍କୃତିକ ଅନୁଷ୍ଠାନର ବଜନିଆଁ, ପୁରୀର ସେଫାଲିକା ମହାନ୍ତି ଓ ଦଳର ମାହାରି ନୃତ୍ୟ, ସଇଁତଲା କୁମାରୀ ଓଡିଶୀ ଅନୁଷ୍ଠାନର ଆଦିବାସୀ ଡକା ନୃତ୍ୟ, ଭବାନୀପାଟଣା ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଲୋକ ନୃତ୍ୟ ଓ ହୀରାକୁଦ ଜିକଜାମ୍ ଡ୍ୟାନ୍ସ ଏକାଡେମୀର ସମ୍ବଲପୁରୀ ରାସ୍ ନୃତ୍ୟ ପରିବେଷିତ ହେବ । ଏଥିସହ ଜ୍ଞାନ ହୋତା ହାସ୍ୟବ୍ୟଙ୍ଗ କାର୍ଯ୍ୟକ୍ରମ କରିବେ ବୋଲି କର୍ମକର୍ତ୍ତା ସୂଚୀତ କରିଛନ୍ତି । ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ଉପସଭାପତି ସଚ୍ଚିକାନ୍ତ ମିଶ୍ର, ସାଧାରଣ ସମ୍ପାଦକ ପିୟୁଷ ହୋତା, ସାଂଗଠନିକ ସମ୍ପାଦକ ଶାନ୍ତନୁ କୁମାର ବଡପଣ୍ଡା, ଅର୍ଥ କମିଟି ମୁଖ୍ୟ ପ୍ରଦୀପ କୁମାର ପଣ୍ଡା, ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ସଞ୍ଜୀବ କୁମାର ପଣ୍ଡା ଖବରଦାତାଙ୍କୁ ମହୋତ୍ସବ ବିଷୟରେ ସୂଚନା ଦେଇଥିଲେ ।



ବୁଧବାର ସମ୍ବଲପୁରରେ ହୀରାକୁଦ ମହୋତ୍ସବ ସମ୍ପର୍କରେ ସାଂଗଠନିକ ସମ୍ପାଦକ ଶାନ୍ତନୁ କୁମାର ବଡପଣ୍ଡା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

---

## ବ୍ଲକ କରମଚାରୀକର ଅସହଯୋଗ

# ଧୀରେସୁସ୍‌ତେ ଚାଲିଛେ ଆମଗାଁ, ଆମ ବିକାଶ ଯୋଜନା

କୁଚିଣ୍ଡା, ୬।୨ (ଡି.ଏନ.ଏ)
କୁଚିଣ୍ଡା ବ୍ଲକ କରମଚାରୀକର ଅସହଯୋଗ ଲାଗି ଏହେଦେ ବ୍ଲକରେ ଆମଗାଁ, ଆମ ବିକାଶ ଯୋଜନାର ପ୍ରକଳ୍ପମାନକର କାମ୍ ଲେଠ୍‌ରେଇ କରି ଚାଲୁଛେ। ଗଲା ୧୦ ଅଗଷ୍ଟ, ୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଚିଣ୍ଡା ପଁଚେତ ସମିତିର ଜନସାଧାରଣ ଆର ଜନପରତିନିଧିଙ୍କର ସଂଗେ ଭିଡିଓ କନଫରେନ୍ସିଂରେ ଆଲୋଚନା କରିଥିଲେ। ଆଲୋଚନା ଉତାରୁ ୧୭ଟା ପଁଚେତର ୧୪୩ଟା ପ୍ରକଳ୍ପ ଲାଗି ୩ କୋଟି ୬୫ ଲକ୍ଷ ୫୦ ହଜାର ଟଁକା ମଂଜୁର କରିଥିଲେ। ଇ କାମ୍‌ମାନେ ଯେତେ ଜଲ୍‌ଦି ହେବା ଆରମ୍ କରି ନିରଧାରିତ ସମିଆ ଭିତରେ ସାରବାକେ ସରକାରଙ୍କର ନିରଦେଶ ଥିଲା। ହେଲେ ଆଏଜ୍‌କେ ୫ ମାସ ବିତି ଯାଇଥିଲେ ବି ଚାଲିଥିବାର ପ୍ରକଳ୍ପମାନକର କାମ୍ ସନ୍‌ତୋଷଜନକ୍ ନୁହେ। ବ୍ଲକ କରମଚାରୀକର ଅସହଯୋଗ ଇଥିର ମୁଖିଆ କାରନ ବଲି କୁହାଯାଉଛେ। ପ୍ରକଳ୍ପମାନକର ଦାଇତିଅ ପଁଚେତ୍‌ର ଇଓମାନକୁ ଦିଆଯାଇଛେ। ହେଲେ ଆଏଜ୍‌ତକ୍ ଗୁଟେ କାମ୍ ପୂରା ନୁହେ ହୁଏ। ବଡ଼ଭାଗି କାମର ବିଲ୍ ଠିକ୍ ସମିଆରେ ନାଇଁ ମିଲବାର ଲାଗି କାମ୍‌ମାନ୍ ଦରଫେଁଡ଼ିଆ ହେଇ ପଡ଼ିରହିଛେ। ପାଖାପାଖି ୩୦ ପରତିଶତ କାମ୍‌ରେ ଲେଆଉଟ୍ ବି ନାଇଁ ଦିଆଯାଇ। ପ୍ରକଳ୍ପ ଜରିଆରେ ବହୁତଟେ କମ୍ୟୁନିଟି ସେଣ୍ଟର ପ୍ଲିନ୍ଥ ଲେବେଲ ତକ୍ କାମ୍ ହେଇଛେ। ହେଲେ ଠିକ୍ ହିସାବେ ବିଲ ନାଇଁ ମିଲବାର ଲାଗି କମ୍ୟୁନିଟି ସେଣ୍ଟରମାନକର ଛାତ୍ ପଡ଼ି ନାଇଁପାରବାର। ସତ୍ କହେବାକେ ଗଲେ ବ୍ଲକ କରମ୍‌ଚାରୀ ତାକର ଦାଇତିଅ ଠିକ୍ ହିସାବେ ନାଇଁ ତୁଲଉଥିବାର ଅଭିଯୋଗ ହେଉଛେ। ଇ ବାବ୍‌ଦେ ବିଡିଓ ନିଶି ପୁନମ ମିଞ୍ଜଙ୍କୁ ପଚରାଲାରୁ କାମର ବହୁତ୍ ବୋଝ ରହୁଛେ ସେଥିରଲାଗି ଡେରି ହେଉଛେ। ହେଲେ ବହୁତ୍ ଜଲ୍‌ଦି ଇ ସମସିଆର ସମାଧାନ କରାଯିବା ବଲି ସେ କହିଥିଲେ।

---

# ଜାମୁମାଲ ସ୍କୁଲର ବାର୍ଷିକ କ୍ରୀଡ଼ା



ଜାମୁମାଲ ସରକାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା ଛାତ୍ରମାନେ ।

ଜମନକିରା,୬।୨( ଡି.ଏନ୍.ଏ)
ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଜାମୁମାଲ ସରକାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲରେ ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ଧାନ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବଡ଼ମାଲ ପଞ୍ଚାୟତ ସମିତି ସଭ୍ୟ ହୃଦାନନ୍ଦ ନାଏକ ଯୋଗଦେଇ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ କୁନିମା ନାଏକ, ବିପିନ ବିହାରୀ ପଟେଲ, ପ୍ରକାଶ କରୁଆ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ସଭାରେ ପରିଚାଳନା କମିଟିର ସଭାପତି ରାଜେଶ ବାରିକ ଯୋଗଦେଇ ମଶାଲ ଜାଳିବା ସହ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ଷୀରୋଦଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସୁନନ୍ଦା ପଟେଲ, ତପସ୍ୱିନୀ ମାଝି ଓ ଅନ୍ୟମାନେ ସହଯୋଗ କରିଥିଲେ।

---

## ୧୫ରେ ସମ୍ବଲପୁର ଆସୁଛନ୍ ଅମିତ ଶାହ

# ଭାଜପା ଶିବିରରେ ଖୁସିର ଲହର

ସମ୍ବଲପୁର,୬।୨(ବ୍ୟୁରୋ)
ଫେବୃୟାରୀ ୧୫ ତାରିଖ୍ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସମ୍ବଲପୁର ଆଏବାର କାୟ୍‌କରମ ଅଛେ। ଇ ବାବ୍‌ଦେ ଦଲ ତରଫୁ ଘୋଷନା କରାଯାଇଛେ। ଅମିତ ଶାହା ଫେବୃୟାରୀ ୧୫ ତାରିଖ ସମ୍ବଲପୁର ଆଏଲେ ୧୫ ଦିନ୍ ଭିତରେ ସେ ତୁରତିଅ ଥର ଲାଗି ଓଡ଼ିଶା ଆଏବେ। ପହେଲା ଖେପି ଜାନୁୟାରୀ ୨୯ରେ କଟକ, ଫେବୃୟାରୀ ୩ରେ ପୁରୀ ଆର ତୁରତିଅ ଥର ଲାଗି ସମ୍ବଲପୁର ଆସୁଛନ୍। ଇ ଖବରକେ ନେଇ ଏହେଦେ ଭାଜପା ଶିବିରରେ ଖୁସିର ଲହର ଖେଲିଯାଇଛେ। ବୁଥ ସ୍ତରରେ ନେତୃତ୍ୱକେ ଇ ସଭାରେ ଉଦ୍‌ବୋଧନ ଦେବେ। ଅମିତ ଶାହା ପହେଲା କରି ସମ୍ବଲପୁର ଆସୁଛନ୍, ସେ ଆଗ୍‌ରୁ କେହେନ୍‌ସି ଭାଜପା କାୟ୍‌କରମରେ ସମ୍ବଲପୁର ମାଟିରେ ଯୋଗ୍ ନାଇଁଦେଇ। ଯେନ୍‌ଥିରଲାଗି ଭାଜପା ଶିବିରରେ ଏହେଦେ ଖୁସିର ମାହୋଲ ଦେଖିବାକେ ମିଲିଛେ। ଦଲର ପୁରଖା ନେତା, ଯୁବ ନେତାମାନେ ସଜବାଜରେ ଲାଗିପଡ଼ିଛନ୍। ସମ୍ବଲପୁରରେ ହେବାକେ ଥିବାର ଇ ବଡ଼ଭାରି ସଭାରେ ଢେଙ୍କାନାଳ, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଲୋକ ସଭା ଆର ୨୮ଟା ବିଧାନସଭା ନିରବାଚନ ମଂଡ଼ଲିର ନେତା, କରମ୍‌କରତା ଯୋଗ ଦେବାର କାୟ୍‌କରମ ରହିଛେ। ୭ଟା ଜିଲାର ଜିଲା ସଭାପତି, ଆଶାୟୀ ପ୍ରାର୍ଥୀ, ଯୁବ ନେତା ଯୋଗ ଦେବେ। ପଶ୍ଚିମ ଓଡ଼ିଶାରେ ଗଲା ସାଧାରନ ନିର୍‌ବାଚନ ଆର ପଁଚେତ୍ ନିର୍‌ବାଚନରେ ଭାଜପା ଦଲ ଭଲ ପଦରଶନ୍ କରିଥିଲା। ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ ଲୋକ ସଭାରୁ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ ସମେତ କୁଚିଣ୍ଡା ବିଧାନ ସଭାରୁ ରବି ନାଏକ, ଦେବଗଡ଼ ନିତେଶ ଗଙ୍ଗଦେଓ, ବ୍ରଜରାଜ ନଗର ରାଧାରାଣୀ ପଣ୍ଡା, ପଦ୍ମପୁରରେ ପ୍ରଦୀପ ପୁରୋହିତ, ପାଟଣାଗଡ଼ରୁ କେ.ଭି.ସିଂଦେଓ, ନୂଆପଡ଼ାରୁ ବସନ୍ତ ପଣ୍ଡା, ଖଡ଼ିଆଳରୁ ଦୁର୍ଯ୍ୟୋଧନ ମାଝୀ, ରାଉରକେଲାରୁ ଦିଲୀପ ରାୟ ପରମୁଖ ୭ଟା ବିଧାନସଭା ଆସନରେ ଜିତିଥିଲେ। ରାଉରକେଲା ବିଧାୟକ ଦିଲୀପ ରାୟ ଏହେଦେ ଭାଜପାରୁ ଇସ୍ତଫା ଦେଇଛନ୍। ହେଲେ ସାଧାରନ୍ ନିର୍‌ବାଚନ ଆଗରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ସମ୍ବଲପୁର ଆଏବାରଟା ଭାଜପାର ସଂଗଠନକେ ଆହୁରି ମଜବୁତ କରବା ବଲି ଦଲର କରମ୍‌କରତାମାନେ ଆଶ୍ କରୁଛନ୍। ଅଧ୍ୟକ୍ଷଙ୍କର ଆଏବାର ଯିବାର ବାବ୍‌ଦେ ସବୁକଥା ଫଟିକ ନାଇଁ ଜନାପଡ଼ିଥିଲେ ବି ମିଲିଥିବାର ସୂଚ୍‌ନା ହିସାବେ ସେ ଭୁବନେଶ୍ୱର ବିମାନ ବନ୍ଦରରୁ ଗୁଟେ ହେଲିକେପ୍ଟରରେ ଆସି ଏମସିଏଲ ହେଲିପ୍ୟାଡ଼ରେ ଉତିରବେ। ରାସ୍‌ତାରେ ଦୁର୍ଗାପାଲିର ମନ୍ଦଲିଆ ପଡ଼ିଆରେ ଯୋଗ୍ ଦେଇ ଉଦ୍‌ବୋଧନ ଦେବେ। ଫେର ଏମସିଏଲ ହେଲିପେଡକେ ଫିରି ସେଠାନୁ ଭୁବନେଶ୍ୱର ଫିରିଯିବେ ବଲି ଜନାପଡ଼ିଛେ। ଇ ବାବ୍‌ଦେ ପୂରବର ମନ୍ତ୍ରୀ ଜୟନାରାୟଣ ମିଶ୍ରଙ୍କୁ ପଚରାଲାରୁ ବୁଥ ସ୍ତରରୁ କରମ୍‌କରତାମାନେ ଇ ସମାବେଶରେ ଯୋଗ ଦେବେ। ସାଧାରନ ନିର୍‌ବାଚନ ଲାଗି ଇ ସମାବେଶ ବହୁତ ମାଏନେ ରଖୁଛେ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଜିଲା ସଭାପତି ରାମଚନ୍ଦ୍ର ମେହେରଙ୍କୁ ପଚରାଲାରୁ ବୁଥ ସ୍ତରର କମିଟି ସଭ୍ୟ ଯୋଗ ଦେବେ। ଅଧ୍ୟକ୍ଷ ନିର୍‌ବାଚନୀ ରଣନୀତି ଉପରେ ପରାମଶ୍ ଦେବେ ବଲି ସେ କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୭ ଫେବୃୟାରୀ, ୨୦୧୮



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ଭେଡ଼େନ, ୬।୨(ଡ଼ି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ଠାରେ ଚାଲିଥିବା ରାମଲୀଳା ଦେଖି ଘରକୁ ଫେରୁଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ବାଇକ ଦୁର୍ଘଟଣା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଭେଡ଼େନ ଥାନା ଅନ୍ତର୍ଗତ ଚିଚିଣ୍ଡା ଗ୍ରାମର ରଞ୍ଜିତ ମେହେର (୨୩) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରଞ୍ଜିତ ସେହି ଗ୍ରାମର ବଳରାମ ଝାଙ୍କରଙ୍କ ସହ ଏକ ବାଇକ୍ (ନଂ. ଓଡ଼ି୧୭ଏଫ/୬୪୫୬) ଯୋଗେ ଭେଡ଼େନ ରାମଲୀଳା ଦେଖିବାକୁ ଆସିଥିଲେ । ରାବଣ ବଧ ଦେଖି ସାରିବା ପରେ ରାତି ପ୍ରାୟ ୧୨ଟା ସମୟରେ ଉଭୟେ ଚିଚିଣ୍ଡା ଫେରୁଥିବା ବେଳେ କୁତପାଲି ତାଳଧାଡ଼ି ବୁଲାଣିରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଖବର ପାଇ ପୋଲିସ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭେଡ଼େନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡ଼ାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ଆହତ ବଳରାମକୁ ବୁର୍ଲା ସ୍ଥାନାନ୍ତର କରିଥିଲେ । ବୁଧବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଛି । ଏ ନେଇ ଭେଡ଼େନ ଥାନାରେ ଏକ ମାମଲା ରୁଜୁ ହୋଇଛି ।

### ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପାଇକମାଲ, ୬।୨ (ଡି.ଏନ.ଏ): ବରଗଡ଼ ଜିଲା ପାଇକମାଲ ପ୍ରାଣୀ ଚିକିତ୍ସାଳୟ ପରିସରରେ ୧୬ତମ ନୃସିଂହନାଥ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ସାମାଜିକ କର୍ମୀ ରାଜୁ ଘିବେଲା ମୁଖ୍ୟଅତିଥି, ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ସିଆରପିଏଫ ଓସି ଅବଦୁଲ ଆହତ, ଭଜରାମ ରାଉତ, କୁସୁମ କୁମାର ରାଓ, ଜୟନ୍ତ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ବିଭିନ୍ନ ଦିବସରେ ୧୮ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦିବସରେ ଗୋପାଳ ଅଗ୍ରୱାଲ, ସୁମିତ ଅଗ୍ରୱାଲ ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଆୟୁଷ ଅଗ୍ରୱାଲ, ମହମ୍ମଦ ଇଜାଜ୍, ଜତିନ୍ଦ୍ର ଚାନ୍ଦ, କବି ଅଗ୍ରୱାଲ ଖେଳ ପରିଚାଳନା କରିଥିଲେ । ଅଶୋକ ସାହୁ, ସୁକାନ୍ତ ରାଉତ, ଲିଙ୍ଗରାଜ ସାହୁ ଓ ଅଞ୍ଜନ ମହାଲିକ ସହଯୋଗ କରିଥିଲେ।

# ଚିନିକଳ ସମସ୍ୟା ଅସମାହିତ

**ବରଗଡ଼ ଅଫିସ୍,୬।୨**

## ତୋରା ସମବାୟ ଚିନିକଳ



ଜିଲାପାଳ ଅଫିସ ଆଗରେ ଚିନିକଳ କର୍ମଚାରୀଙ୍କ ଧାରଣା, ରିଲେ ଅନଶନ ।

- ଫିଟୁନି ସମାଧାନ ବାଟ
- ବିଧାନସଭାରେ ଉଠିଲା ଚିନିକଳ ପ୍ରସଙ୍ଗ
- କର୍ମଚାରୀଙ୍କ ଧାରଣାକୁ ବିତିଲା ୬୦ଦିନ
- କଲେକ୍ଟୋରେଟ୍ ଆଗରେ ରିଲେ ଅନଶନ
- ଅନିଶ୍ଚିତ ଆଡକୁ ଟାଣିଲା ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର

ବରଗଡ଼ ସହର ଉପକଣ୍ଠ ତୋରା ସମବାୟ ଚିନିକଳ ସମସ୍ୟା ବଢ଼ିବାରେ ଲାଗିଛି। ଆଖୁପେଡ଼ା ବନ୍ଦ ରହିଥିବାବେଳେ ଦୀର୍ଘ ୨୩ମାସ ହେଲା ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ମଧ୍ୟ ପ୍ରଦାନ କରାଯାଇନାହିଁ । ଏହାକୁ ନେଇ କେବଳ କାର୍ଯ୍ୟରତ କର୍ମଚାରୀ ନୁହଁନ୍ତି, ସ୍ଥାନୀୟ ଆଖୁଚାଷୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲାର ପୁରାତନ ଶିଳ୍ପାନୁଷ୍ଠାନ ପ୍ରତି ସରକାରଙ୍କ ଏଭଳି ଅଣଦେଖା ମନୋଭାବ ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

ଅନ୍ୟପକ୍ଷେ ବୁଧବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଚିନିକଳି ସମସ୍ୟା ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ କରିଥିଲେ । ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ସରକାରୀ ଦୋଷ ଦୁର୍ବଳତାକୁ ଏଡାଇ ଆବଶ୍ୟକ ଆଖୁଚାଷ ନ ହେବା, ଚିନି ଉତ୍ପାଦନ କମ୍ ହେବା ଏବଂ ଚିନିକଳର ନିଜସ୍ୱ ସମ୍ବଳ ଅଭାବ ଯୋଗୁ ସେଭଳି ପରିସ୍ଥିତି ଉପୁଜିଥିବା ତାଙ୍କ ଉତ୍ତରରେ କହିଛନ୍ତି। ଚିନିକଳର ଉତ୍ପାଦନକୁ ବିନିଯୋଗ କରି ଆନୁସଙ୍ଗିକ ୟୁନିଟ୍ ପ୍ରତିଷ୍ଠାର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ରାଜ୍ୟରେ କାର୍ଯ୍ୟ କରୁଥିବା ସମବାୟ ଚିନିଶିଳ୍ପର ପୁନରୁଦ୍ଧାର ପାଇଁ ଚିନିଶିଳ୍ପର ଅଗ୍ରଣୀ ବୈଷୟିକ ଅନୁଷ୍ଠାନକୁ ରିପୋର୍ଟ ଦେବା ପାଇଁ ଆହ୍ୱାନ କରାଯାଇଛି । ସେହି ରିପୋର୍ଟକୁ ଭିତ୍ତି କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ, ୧୯୭୩-୭୪ ବର୍ଷଠାରୁ ବରଗଡ଼ ତୋରାଠାରେ ପ୍ରତିଷ୍ଠିତ ସମବାୟ ଚିନିକଳ ଲିଃ ଚାଲୁଛି । ଚିନିକଳରେ ମୋଟ୍ ୪୫୦ଜଣ କର୍ମଚାରୀ କାମ କରୁଥିବାବେଳେ ତନ୍ମଧ୍ୟରୁ ୧୬୮ଜଣ ସ୍ଥାୟୀ କର୍ମଚାରୀ ଏବଂ ୨୨୨ଜଣ ସିଜିନାଲ ଏବଂ ଅସ୍ଥାୟୀ କର୍ମଚାରୀ ରହିଛନ୍ତି । ଏହି ଚିନିକଳ ଉପରେ ଜିଲା ସମେତ ଜିଲା ବାହାର ଆଖୁଚାଷୀମାନେ ନିର୍ଭ କରିଥାନ୍ତି। କିନ୍ତୁ ଗତ କିଛିବର୍ଷ ହେଲା ଚିନିକଳର ପୁନରୁଦ୍ଧାର ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ଯୋଗୁ ଚାଷୀମାନେ ଆଖୁଚାଷରୁ ମୁହଁ ଫେରାଇ ନେଉଛନ୍ତି । ଏହି କ୍ରମରେ ଏଠାରେ ଚିନି ଉତ୍ପାଦନ ହ୍ରାସ ପାଇଥିବା ବେଳେ ଶେଷରେ ଆଖୁପେଡ଼ା କାର୍ଯ୍ୟ ମଧ୍ୟ ଠପ୍ ପଡ଼ି ଯାଇଛି । ଏଭଳିସ୍ଥଳେ ଶେଷରେ ଚିନିକଳ କର୍ମଚାରୀଙ୍କ ଦରମାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ କର୍ମଚାରୀମାନେ ଦୀର୍ଘଦିନ ହେଲା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମବାୟ ଚିନିକଳ ସମ୍ମୁଖରେ ଧାରଣା ଦେବା ପରେ ଜିଲାପାଳ ଅଫିସ ଆଗକୁ ଆସି ରିଲେ ଅନଶନରେ ବସିଛନ୍ତି । କର୍ମଚାରୀଙ୍କ ଏଭଳି ଆନ୍ଦୋଳନକୁ ୬୦ଦିନ ବିତି ଯାଇଛି। କିନ୍ତୁ କିଛି ସୁଫଳ ମିଳିବା ତ ଦୂରର କଥା, ସେମାନଙ୍କ ପାଖକୁ ପରିଚାଳନା ପରିଷଦ, ବିଭାଗୀୟ ପଦାଧିକାରୀଙ୍କ ପାଦ ମଧ୍ୟ ପଡିନାହିଁ । ଚିନିକଳର ଆବଶ୍ୟକତାକୁ ନେଇ ଯେଉଁ ଅନୁଦାନ ଆସୁଛି, ତାହା ସମୁଦ୍ରକ ଶଙ୍ଖେ ଭଳି । ସେଥିପାଇଁ ଚିନିକଳ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି । ବିଧାନସଭାରେ ବିଧାୟକ ଆଚାର୍ଯ୍ୟ ଚିନିକଳ ପ୍ରସଙ୍ଗ ଉପସ୍ଥାପନ କରିବା ପରେ ସମସ୍ୟାର ସମାଧାନ ହେଉଛି ନା ତାହା ପୂର୍ବଭଳି ଅସମାହିତ ରହୁଛି, ତାକୁ ଏବେ ଅଞ୍ଚଳବାସୀ ଚାହିଁ ବସିଛନ୍ତି ।

■ ଗରିବ ହେବାରଟା ଦୋଷ୍ ନୁହେ

# କମେଇ ଖାଏବାର ଇଛା ଥିବାର ଦରକାର



କୈଳାଶ ଉଷୋକଷା ତିଆରୁଛନ୍ ।

**ଅତାବିରା, ୬।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କେଉଟିପାଲି ଗାଁର କୈଳାଶ ମହାନନ୍ଦ(୪୦) । ପରିବାର କହେଲେ ମାଏକିନା, ପୁଓ ଝିଁକେ ନେଇ ତାକର ସୁଖର ସଁସାର। ଜମିବାଡ଼ି ବଲି କିଛିନାଇଁ, ପରିବାରଟା ନିହାତି ଗରିବ୍। ହେଲେ ସେ ନିଜେ ଗରିବ୍ ହେବାରଟାକେ କେଭେ ଦୋଷ୍ ନାଇଁ ଦେଇ। ନିଜର ବୁଧି ବିବେକ ଖଟେଇ ଝାର ଜଂଗଲରୁ ଉଷୋକଷାର ଗୁନ୍ ଥିବାର ପତର, ଚେର୍, ଛାଲି ଚିନ୍ହିଁ ଠୁଲଉଛନ୍। ସେଥିରୁ ଭିନେ ଭିନେ ପରକାର ଉଷୋକଷା ତିଆର କରୁଛନ୍। ପହଁତିଆନୁ ସେ ସବୁକେ ଗୁଟେ ସାଇକେଲରେ ଜୁଗ୍‌ରେଇ ବରଗଡ଼ ଜିଲାର ଅତାବିରା, ଭେଡ଼େନ ବ୍ଲକର ସାପ୍ତାହିକ ବଜାରନୁ ମୂଲ କରି ଭିନେ ଭିନେ ଗାଁ ବୁଲି ଉଷୋ ବିକୁଛନ୍। ବେଲ୍‌ବୁଡ଼ବାର ଆଗ୍‌ରୁ ତାକର ଠିକ୍‌ନା ଜାଗାକେ ଫିରି ଆସୁଛନ୍। ସେନ୍ତା ହପ୍‌ତାକ ଥରେ ଘରକେ ଫିରୁଛନ୍। ଘରକେ ଫିରଲା ବେଲେ ରୁଜ୍‌ଗାର କରିଥିବାର ଟଁକା ପଏସାରେ ଚାଉଲ, ପନିପରିବା ଘିନି ଘରକେ ଫିରୁଛନ୍। କୈଳାଶ ଜଣ୍ଡିସ, ମଲକଣ୍ଠ, ମଧୁମେହ, ବାତ, ପେଟ ଜଲାପୁଡ଼ା, ଗ୍ୟାସ ଆଦି ରୋଗ୍‌ର ଉଷୋ ତିଆର କରି ବିକୁଛନ୍। ସେ ସାପ୍ତାହିକ୍ ବାଜାରମାନକେ ତାକର ଉଷୋକଷାର ପସରା ମେଲି ବସୁଛନ୍। କମ୍ ଦାମ୍‌ରେ ରୋଗ୍ ଠିକ୍ ହେଉଥିବାର ଲାଗି ତାକରନେ ଲୋକ୍ ଭିଡ୍ ଜମଉଥିବାର ଦେଖିବାକେ ମିଲିଛେ। ତାହାକୁ ବେପାର ବାବ୍‌ଦେ ପଚରାଲାରୁ ହପ୍‌ତାକ ସେ ୨ ହଜାରରୁ ୨୫ଶହ ଟଁକା ତକ୍ ରୁଜ୍‌ଗାର କରସିଁ, ଇଥିରେ ମୋର ପରିବାର ହଁସ୍‌ଖୁସିଥି ଚଲିଯାଉଛେ ବଲି ସେ କହିଥିଲେ।

# ପୁରୀରୁ ଲଢ଼ିଲେ ଅମାନତ ହରାଇବେ ମୋଦି

**ପୁରୀ ଅଫିସ, ୬।୨**

ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ସବୁ ରାଜନୈତିକ ଦଳ ପାଗ ଭିଡ଼ିବା ଆରମ୍ଭ କରିଦେଲେଣି। ବିଭିନ୍ନ ସ୍ଥାନରେ ସଭା, ସମାବେଶ ଆୟୋଜନ କରାଯାଉଛି। କେନ୍ଦ୍ରୀୟ ନେତାଙ୍କୁ ଆଣି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିପଡିଲେଣି ଜାତୀୟ ଦଳ ଭାଜପା ଏବଂ କଂଗ୍ରେସ। ଏ କ୍ଷେତ୍ରରେ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ଆଗରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଘନ ଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବି ପଛରେ ନାହାନ୍ତି। ତାଙ୍କ ଫୋକସରେ ଓଡ଼ିଶା ରହିଛି।

ବୁଧବାର ରାଜ୍ୟ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ଏକ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ମୋଦି ପୁରୀରୁ ଲଢିଲେ ଅମାନତ ହରାଇବେ। ପୁରୀ ସଦର ବ୍ଲକ ଅନ୍ତର୍ଗତ ବାସୁଦେଇପୁରସ୍ଥିତ ୩୩/୧୧ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପଣ କରି ମନ୍ତ୍ରୀ ସିଂ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ପ୍ରତ୍ୟେକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ଯଦି ସେ ଏହି ଟଙ୍କା ଦେଇଦିଅନ୍ତି ତେବେ ମୋ ଅଞ୍ଚଳବାସୀ ସ୍ୱଚ୍ଛଳ ହୋଇଯିବେ। ମୁଁ ରାଜନୀତି ଛାଡ଼ିଦେବି। କେବଳ ଜନସାଧାରଣଙ୍କୁ ଭଣ୍ଡେଇ, ଭୁଡେଇ ସେମାନେ ଭୋଟ

## ରାଜ୍ୟ ଶକ୍ତିମନ୍ତ୍ରୀଙ୍କ କଟାକ୍ଷ

ହାତଉଛନ୍ତି। ଭାଜପା କ୍ଷମତାକୁ ଆସିବା ସମୟରେ ଗ୍ୟାସ୍ ସିଲିଣ୍ଡର ୩୫୦ ଟଙ୍କା ଥିଲା। ତାକୁ ବୃଦ୍ଧି କରି ୧୦୦୦ ଟଙ୍କାରେ ପହଞ୍ଚାଇଛନ୍ତି। ପ୍ରତ୍ୟେକଙ୍କ ଘରେ ଗ୍ୟାସ୍ ପହଞ୍ଚାଇଛୁ ବୋଲି କହୁଛନ୍ତି। କିନ୍ତୁ ଏହାଦ୍ୱାରା ସେମାନେ ପ୍ରତ୍ୟେକଙ୍କ ଘରୁ ୭୦୦ ଟଙ୍କା ଲୁଟ୍ କରୁଛନ୍ତି ବୋଲି ମନ୍ତ୍ରୀ ସିଂ କହିଥିଲେ। ମୋଦି ବାରାଣସୀରୁ ପ୍ରାର୍ଥୀ ହେବା ସମୟରେ କହିଥିଲେ ମା' ଗଙ୍ଗା ମୋତେ ଡାକିଛନ୍ତି। ସେଠାକାର ଲୋକେ ତାଙ୍କୁ ବହୁସଂଖ୍ୟାରେ ଭୋଟ ଦେଇ ଜିତାଇଦେଲେ। ହେଲେ ଏବେ ସେଠାରେ ଭାଜପାର ସ୍ଥିତି ଭଲ ନାହିଁ। ହାରିବା ଆଶଙ୍କାରେ ଓଡ଼ିଶାକୁ ଟାର୍ଗେଟ କରିଛନ୍ତି। ରାଜ୍ୟ ଭାଜପା ନେତୃବୃନ୍ଦ ବାହାଦୁରି ଦେଖାଇ ମୋଦି ପୁରୀରୁ ଠିଆ ହେବେ ବୋଲି କହୁଛନ୍ତି। ମୁଁ ବିନମ୍ରତାର ସହ କହୁଛି ମୋଦି ସେ ଭୁଲ୍ କରନ୍ତୁ ନାହିଁ ବୋଲି ଶକ୍ତି ମନ୍ତ୍ରୀ ସିଂ କହିଥିଲେ।

ମନ୍ତ୍ରୀ ସିଂଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି, କିଏ କ'ଣ କହୁଛନ୍ତି ସେଥିରେ ଭାଜପା ବିଚଳିତ ନୁହେଁ। ଦଳର ସଙ୍ଗଠନ ଉପରେ ବିଶ୍ୱାସ ରହିଛି। ଦିବ୍ୟଭବ୍ୟ ରାଷ୍ଟ୍ର ପ୍ରତିଷ୍ଠା ଭାବନାରେ ଦଳ ପରିଚାଳିତ ହୋଇଥାଏ। ଟଙ୍କା ପାଇଁ ନୁହେଁ କି ଧନ ପାଇଁ ନୁହେଁ, ଦଳର ପ୍ରତ୍ୟେକଙ୍କ ଜୀବନ ରାଷ୍ଟ୍ର ପାଇଁ ସମର୍ପିତ। ଶକ୍ତିମନ୍ତ୍ରୀ ନିଜେ ଭଲ ଭାବେ ଜାଣନ୍ତି ସେ ଏବଂ ତାଙ୍କ ସରକାର କ'ଣ କରୁଛନ୍ତି।

# ଅତାବିରା ବ୍ଲକ: ଛତୁଆ ବଣ୍ଟନରେ ଅନିୟମିତତା ଅଭିଯୋଗ

**ଜାମଟିକ୍ରା, ୬।୨ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ଛତୁଆ ବଣ୍ଟନରେ ଅନିୟମିତତା କରାଯାଇଥବବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଗୋଟିଏ ଏସ୍‌ଏଚ୍‌ଜି ଗତ ଜାନୁୟାରୀ ମାସରେ ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା, କୁଲୁଣ୍ଡା, ପତ୍ରାପାଲି, ବୁଗବୁଗା, ଝିଲିମିଣ୍ଡା, ଲଟିଦା, ମନାପଡା, ହିର୍ଲିପାଲି, ଚାବିରପାଲି ସମେତ ଆହୁରି ଅନେକ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଦେଇନାହିଁ । ଫଳରେ ଶିଶୁ, ଗର୍ଭବତୀ ଓ ପ୍ରସୂତୀ ମା'ମାନେ ଛତୁଆ ପାଇବାରୁ ବଞ୍ଚିତ ହୋଇଛନ୍ତି । ହିତାଧିକାରୀମାନେ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ପଚାରିବାରୁ ସେ କହୁଛନ୍ତି, ଜାନୁୟାରୀ ମାସର ଛତୁଆ ଆସିନାହିଁ । ଆମେ କେମିତି ଦେବୁ । ଉକ୍ତ ଏସ୍‌ଏଚ୍‌ଜି କେବଳ କାଦୋବାହାଲ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଦେଇଥିବାବେଳେ ଆଉ ଅବଶିଷ୍ଟ କେନ୍ଦ୍ରଗୁଡିକୁ ଛତୁଆ ନ ଦେଇ ଜାନୁୟାରୀ ମାସର ଛତୁଆ ବାବଦ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହେଉଛି। ଏ ନେଇ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସମ୍ପର୍କରେ ବରଗଡ ଜିଲା ଡିଏସ୍‌ଡବ୍ଲ୍ୟୁଓ ନଳିନୀ ସାମନ୍ତରାୟକୁ ପଚାରିବାରୁ ଏ ଦେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ସର୍ବଭାରତୀୟ ବିଜୁ ପଟ୍ଟନାୟକ ଫୁଟବଲ ଟୁର୍ଣ୍ଣାମେଣ୍ଟ ୧ରୁ

**ରାଉରକେଲା ଅଫିସ,୬।୨**

ଷ୍ଟିଲ ସିଟି ପାର୍ଶ୍ୱାଞ୍ଚଳରେ ଫୁଟବଲ ଖେଳକୁ ଲୋକପ୍ରିୟ କରାଇବା ଓ ଦକ୍ଷ ଖେଳାଳି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁରେ ଗତ ୧୬ ବର୍ଷ ହେଲା ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ମାର୍ଚ୍ଚ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହେବ। ଏଥିସହ ୪ର୍ଥ ମୁକ୍ତ ରାଉରକେଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାରେ ରାଜ୍ୟର ୪ଟି ଓ ରାଜ୍ୟ ବାହାରୁ ୬ଟି ଦଳ ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ରାଉରକେଲା କପ୍ ପ୍ରତିଯୋଗିତାରେ ୮ଟି ଦଳ ଭାଗନେବେ ବୋଲି ସଂଗଠନ ଅଧ୍ୟକ୍ଷ ମିହିର ରାୟ ପ୍ରକାଶ କରିଛନ୍ତି। ଏଥିପାଇଁ ୫୦ଜଣ ସଭ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ତଥା ପରିଚାଳନା କମିଟି ଗଠନ ଅନୁଷ୍ଠିତ ହୋଇଥିବା ରାୟ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ରାଜ୍ୟ ତଥା ଜାତୀୟ ଫୁଟବଲ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଆସୋସିଏଶନ ପକ୍ଷରୁ ଆସନ୍ତା ମାର୍ଚ୍ଚ ୫ ବିଜୁ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ଆୟୋଜନ କରାଯିବ ବୋଲି ମଧ୍ୟ କୁହାଯାଇଛି। ଏଥିରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଭାଗ ନେଇପାରିବେ। ଏନେଇ ଆୟୋଜିତ ବୈଠକରେ ଜାତୀୟ ଫୁଟବଲ ରେଫରି ଭାସ୍କର ନନ୍ଦ, ଶରତ ମିଶ୍ର, ଅର୍ଜୁନ ଭୂୟାଁ, ସୂର୍ଯ୍ୟକାନ୍ତ ପାତ୍ର, କେଶବ ପ୍ରଧାନ, ସୁବାସ ପଣ୍ଡା, ପ୍ରଦୀପ ମହାନ୍ତି, ଅମରନାଥ ଜେନା, ମଧୁସୂଦନ ମହାନନ୍ଦିଆ, କାଶୀନାଥ ସୁନା, ଈଶ୍ୱର ଟୁଡୁ ଓ ଆସୋସିଏଶନ ଉପଦେଷ୍ଟା ସୁଧୀର ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ରାଉରକେଲା ଗସ୍ତର ଝଲକ



ରାଉରକେଲା ଏୟାରଷ୍ଟ୍ରିପ୍ ପଡ଼ିଆ ସଭାମଞ୍ଚରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଫୁଲମାଳ ଦିଆଯାଇ ସ୍ୱାଗତ କରାଯାଉଛି।



ପାରମ୍ପରିକ ଆଦିବାସୀ ନୃତ୍ୟ ସହ ରାହୁଲ ଗାନ୍ଧୀଙ୍କ ସଭାସ୍ଥଳକୁ ଆସୁଛନ୍ତି ଦଳୀୟ ସମର୍ଥକ।



ରାହୁଲ ଗାନ୍ଧୀଙ୍କ ସମାବେଶ ସ୍ଥଳରେ କର୍ମୀଙ୍କ ଦ୍ୱାରା ରାଫାଲ ଦୁର୍ନୀତି ନେଇ ସାଙ୍କେତିକ ସଚେତନତା କରାଯାଉଛି।



ରାହୁଲ ଗାନ୍ଧୀଙ୍କ ସଭାସ୍ଥଳରେ ଉତ୍ସାହିତ କଂଗ୍ରେସ କର୍ମୀ ଓ ସମର୍ଥକ।

# ରାହୁଲ ଗାନ୍ଧୀଙ୍କ ଗସ୍ତର ଏପାଖ ସେପାଖ

### ଖବରଦାତା ହଟହଟା

ରାଉରକେଲା ଅଫିସ,୬।୨

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଭାରେ ଯୋଗଦେବାକୁ ଦଳ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ପାସ୍ ବ୍ୟବସ୍ଥା କରାଯାଇଥିଲା । ଏନେଇ କାହାକୁ ସୂଚନା ଦିଆ ନ ଯାଇ କଂଗ୍ରେସ ଭବନରେ ମନଇଚ୍ଛା ପାସ୍ ବଣ୍ଟାଗଲା । ଫଳରେ ବହୁ ଗଣମାଧ୍ୟମ ପ୍ରତିନିଧି ପାସ୍ ପାଇବାରୁ ବଞ୍ଚିତ ହେଲେ । ଯେଉଁ କେତେଜଣ ସଭାସ୍ଥଳକୁ ଆସିଲେ ସେମାନଙ୍କୁ ଚେୟାର ମିଳିଲାନି। ପ୍ରେସ୍ ଗ୍ୟାଲେରିକୁ ମାଡ଼ି ବସିଥିଲେ କଂଗ୍ରେସ କର୍ମୀ। ଫଳରେ ଖବରଦାତାମାନେ ଖରାରେ ହଟହଟା ହୋଇଥିଲେ।

### ଖରାରେ ସିଝିଲେ ଲୋକେ

ଅପରାହ୍ନ ୨ଟାରେ ରାହୁଲ ଏୟାରଷ୍ଟ୍ରିପରେ ଓହ୍ଲାଇବେ। ଅତି ବେଶିରେ ୧୦ମିନିଟ ବିଳମ୍ବ ହୋଇପାରେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ହେଲେ ରାହୁଲ ଆସିଲେ ଘଣ୍ଟାଏ ବିଳମ୍ବରେ। ସେତେବେଳକୁ ଗରମ, ଝାଳରେ ସିଝିଯାଇଥିଲେ ଲୋକେ। ସଭାସ୍ଥଳରେ ପାଣି ଅଭାବ ଯୋଗୁ ଆଉଟୁପାଉଟୁ ହୋଇଥିଲେ କର୍ମୀ ଓ ଜନସାଧାରଣ।

### ମହିଳାଙ୍କୁ ସିଟ୍‌ରୁ ଉଠାଇବା ନେଇ ପାଟିତୁଣ୍ଡ

ବ୍ୟାପକ ଅବ୍ୟବସ୍ଥା ଭିତରେ ଆୟୋଜିତ ସମାବେଶରେ ରାହୁଲଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କେତେଜଣ ମହିଳାଙ୍କୁ ସଭାମଞ୍ଚ ସମ୍ମୁଖରେ ବସାଯାଇଥିଲା। ପରେ ଏଥିରେ ଅନେକ ଭିଆଇପି ପାସ୍‌ଧାରୀ ଧସେଇ ପଶିଥିଲେ। ମହିଳାଙ୍କୁ ଜୋରଜବରଦସ୍ତ ସିଟ୍‌ରୁ ଉଠାଇ ନିଜେ ବସି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ମହିଳାମାନେ କେତେଜଣ ଯୁବକର୍ମୀଙ୍କୁ ଟଣାଓଟରା କରିବା ଦେଖାଯାଇଥିଲା।

### ସବୁଠି ଜର୍ଜଙ୍କ ପତିଆରା

ସଭାସ୍ଥଳକୁ ଯେତିକି କଂଗ୍ରେସ କର୍ମୀ ବା ସମର୍ଥକ ଆସିଥିଲେ ସେଥିରୁ ଅଧିକାଂଶ ଥିଲେ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ସମର୍ଥକ। ହାତରେ ଜର୍ଜଙ୍କ ଫଟୋ ଥିବା ପ୍ଲାକାର୍ଡ, ବ୍ୟାନର ଧରି ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ଏମାନେ ସଭା ସ୍ଥଳକୁ ଆସିଥିଲେ। ଅନ୍ୟ କୌଣସି ନେତାଙ୍କ ପ୍ରଶଂସା କିମ୍ବା ନାଁ ଶୁଣା ନ ଯିବା ଜର୍ଜଙ୍କ ପତିଆରାକୁ ସ୍ପଷ୍ଟ କରିଥିଲା।

### ପ୍ରସାଦଙ୍କୁ କେହି ସମ୍ବୋଧନ କଲେନି

ବରିଷ୍ଠ କଂଗ୍ରେସ ନେତାମାନଙ୍କ ଗହଣରେ ମଞ୍ଚରେ ବସିଥିଲେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ। ରାହୁଲ ମଞ୍ଚରେ ପହଞ୍ଚିବା ପୂର୍ବରୁ ଜଣକ ପରେ ଜଣେ ନେତା ବକ୍ତବ୍ୟ ରଖିଥିଲେ। ସେମାନେ ଅନ୍ୟ ନେତାଙ୍କ ନାଁ ଧରି ସମ୍ବୋଧନ କରୁଥିବାବେଳେ ପ୍ରସାଦ ଯେମିତି ସମସ୍ତଙ୍କ ପାଇଁ ଅଲୋଡ଼ା ବୋଲି ଲାଗୁଥିଲେ। କେବଳ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରସାଦଙ୍କୁ ପୂର୍ବ ଅଧ୍ୟକ୍ଷ ବୋଲି ସମ୍ବୋଧନ କରିଥିଲେ ହେଁ ଅନ୍ୟ କେହି ଜଣେ ହେଲେ ତାଙ୍କ ନାଁ ଧରି ନ ଥିଲେ। ମଞ୍ଚ ତଳେ ଏହାକୁ ନେଇ କେତେଜଣ ପୁରୁଣା ନେତା ସମାଲୋଚନା କରିବା ଶୁଣାଯାଇଥିଲା।

### ନାଚିଲେ ରାହୁଲ

ସଭା ଆରମ୍ଭ ପୂର୍ବରୁ ପାରମ୍ପରିକ ଆଦିବାସୀ ନୃତ୍ୟର ଧୁମ୍ ଦେଖିବାକୁ ମିଳିଥିଲା ମଞ୍ଚ ନିକଟରେ। ରାହୁଲ ମଞ୍ଚକୁ ଚଢ଼ିବା ପରେ ତାଙ୍କ ଦୃଷ୍ଟି ପଡ଼ିଥିଲା ଏମାନଙ୍କ ଉପରେ। ମଞ୍ଚ ତଳକୁ ଓହ୍ଲାଇଯାଇ ସେ ଆଦିବାସୀ ମହିଳାଙ୍କ ସହ ନାଚିଥିଲେ। ଏହା କର୍ମୀ ଓ ସମର୍ଥକଙ୍କୁ ବେଶ୍ ଉତ୍ସାହିତ କରିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଫେବୃଆରୀ ୭/୨୦୧୯ Sambalpur, Thursday, February 7 / 2019

# ଏମ୍‌ସିଏଲ୍ ବରିଷ୍ଠ ପ୍ରବନ୍ଧକଙ୍କ ଆତ୍ମହତ୍ୟା

**ଝାରସୁଗୁଡା ଅଫିସ/ବ୍ରଜରାଜନଗର(ଡିଏନଏ),୬।୨** ଝାରସୁଗୁଡା ଜିଲା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍ ଇବ୍ ଭ୍ୟାଲି କ୍ଷେତ୍ରରେ କାର୍ଯ୍ୟରତ ସିଭିଲ୍ ବିଭାଗର ଜଣେ ବରିଷ୍ଠ ପ୍ରବନ୍ଧକ ବୁଧବାର କାର୍ଯ୍ୟାଳୟ ପରିସରରେ ଥିବା ନିଜ ବ୍ୟକ୍ତିଗତ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିହାରର କିସଲେ କୁମାର(୫୮)। ମୃତଦେହ ଠାବ ହେବା ପରେ ତୁରନ୍ତ ତାଙ୍କୁ ମଣ୍ଡଳିଆସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ସେଠାରେ କିସଲେଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅତ୍ୟଧିକ ମାନସିକ ଚାପ ଆତ୍ମହତ୍ୟାର କାରଣ ବୋଲି କୁହାଯାଉଛି।

ପୋଲିସ ସୂଚନା ମୁତାବକ, ବୁଧବାର ପୂର୍ବାହ୍ନରେ କିସଲେ ଇବ୍‌ଭ୍ୟାଲି ଅଫିସରେ ପହଞ୍ଚିଥିଲେ। ସେଠାରେ ଥିବା ନିଜ ବ୍ୟକ୍ତିଗତ ପ୍ରକୋଷ୍ଠରେ ବସିଥିଲେ। ୧୦.୩୦ରେ ଝାଡୁ କରିବାକୁ ଆସିଥିବା ଝାଡୁଦାର କିସଲେଙ୍କ ଅଫିସ କବାଟ ବନ୍ଦ ଥିବା ଦେଖି ଅନ୍ୟ କର୍ମଚାରୀଙ୍କୁ ଡାକିଥିଲେ। କିସଲେଙ୍କ ମୃତଦେହ ଏକ ରଶିରେ ଝୁଲୁଥିବା କର୍ମଚାରୀମାନେ ଝରକା ବାଟେ ଦେଖିବା ପରେ ଧକ୍କା ଦେଇ କବାଟ ଖୋଲିଥିଲେ। ତୁରନ୍ତ ମଣ୍ଡଳିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ବ୍ରଜରାଜନଗର ଥାନା ଅଧିକାରୀ ବିଶ୍ୱାମିତ୍ର ହରିପାଲ କହିଛନ୍ତି। ଖବର ପାଇ ବ୍ରଜରାଜନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁ କିସଲେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

# ଖୋଲିଲା ଭୋଟର ସହାୟତା କେନ୍ଦ୍ର

**ଭୁବନେଶ୍ୱର,୬।୨(ବ୍ୟୁରୋ):** ଆସନ୍ତା ସାଧାରଣ ନିର୍ବାଚନରେ ଅଂଶ ଗ୍ରହଣ କରିବା ଏବଂ ମତଦାତାଙ୍କ ସୁବିଧା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି। ବୁଧବାର ଏହି କେନ୍ଦ୍ରକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର

**ମତଦାତା ଜାଣିପାରିବେ ନିଜର ବୁଥ୍, କ୍ରମିକ ସଂଖ୍ୟା**

ଉଦ୍‌ଘାଟନ କରିଛନ୍ତି। ଉକ୍ତ ସହାୟତା କେନ୍ଦ୍ରରେ କମ୍ପ୍ୟୁଟର ସହ କର୍ମଚାରୀମାନେ ଉପସ୍ଥିତ ରହି ଭୋଟରମାନଙ୍କୁ ସହାୟତା ପ୍ରଦାନ କରିବେ । ଏଠାରେ ଭୋଟରମାନେ ସେମାନଙ୍କ ନାମ, କ୍ରମିକ ସଂଖ୍ୟା ଏବଂ କେଉଁ ବୁଥରେ ସେମାନେ ଭୋଟ ଦେବେ ସମସ୍ତ ବିଷୟରେ ଜାଣିପାରିବେ। ସେହିପରି ରାଜ୍ୟର ସବୁ ଜିଲା, ସଦର ମହକୁମା, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ରମାନ ଖୋଲାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କୁମାର କହିଛନ୍ତି। ଏହାର ଫାଇଦା ନେବାକୁ ସେ ନିବେଦନ କରିଛନ୍ତି। ଉଦ୍‌ଘାଟନ ସମୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ଇଲେକ୍ସନ ୱାଚ ମୁଖ୍ୟ ସହଦେବ ସାହୁ, ଭୁବନେଶ୍ୱର ଉପଜିଲାପାଳ ଶୁଭେନ୍ଦୁ ସାହୁ, ସହକାରୀ ମୁଖ୍ୟ ନିର୍ବାଚନ ଅଧିକାରୀ କାଶୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର ହେବେ ପୁଞ୍ଜିଲାଲ

**ବଲାଙ୍ଗୀର ଅଫିସ/ପାଟଣାଗଡ, ୬।୨ (ଡି.ଏନ୍.ଏ.)** ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ ଉପକାରାଗାରରୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତରଣ କରାଯିବ। ଏନେଇ ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍ ମଙ୍ଗଳବାର ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ପାଟଣାଗଡ ଉପକାରାଗାରରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବା ପାଇଁ ଉପକାରାଗାର ଅଧିକ୍ଷକ ଲିଖିତ ଅନୁରୋଧ କରିବା ପରେ ଏ ନେଇ ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଏଭଳି ଆଦେଶ ଦେଇଥିବା ଜଣାପଡିଛି । ସରକାରୀ ଓକିଲ ଶିବ ପ୍ରସାଦ ମିଶ୍ରଙ୍କୁ ପଚରାଯିବାରୁ କହିଛନ୍ତି ଯେ, ଗତ ୨୪ ତାରିଖ ପାଟଣାଗଡ ଜେଲରୁ କଏଦୀ ଚମ୍ପଟ ମାରିବା ଓ ଜେଲ ଭିତରେ ଅନଶନ କରିବା ଭଳି ଘଟଣା ପରେ ଜେଲ କର୍ତ୍ତୃପକ୍ଷ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ ଜେଲରୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ନେଇ ଅନୁରୋଧ କରିଥିଲେ। ସରକାରୀ ଓକିଲ ମିଶ୍ର ମଧ୍ୟ ଏନେଇ ଏଡିଜେ କୋର୍ଟରେ ଅନୁରୋଧ କରିଥିଲେ। ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଓକିଲ ଏନେଇ ଆପତ୍ତି ଉଠାଇ ପାଟଣାଗଡ ଜେଲରେ ତାଙ୍କୁ ରଖାଯାଉ ବୋଲି ଏଡିଜେଙ୍କୁ ଅନୁରୋଧ କରିଥିଲେ। ଉଭୟ ପକ୍ଷରୁ ଏଭଳି ଅନୁରୋଧକୁ ମଙ୍ଗଳବାର ପାଟଣାଗଡ ଏଡିଜେ ବିଧାନ କୁମାର ଚାନ୍ଦ ବିଚାର କରି ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ ଜେଲରୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତରଣ କରିବା ସକାଶେ ଆଦେଶ ଦେଇଛନ୍ତି।



ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଫାଇଲ ଫଟୋ ।

ଗତ ୨୪ତାରିଖ ଦିନ ପାଟଣାଗଡ ଉପକାରାଗାରରୁ କେତେକ କଏଦୀ ଚମ୍ପଟ ମାରିବାର ଯୋଜନା କରିଥିବା ଖବର ମିଳିଥିଲା। ଏହି କଏଦୀ ଚମ୍ପଟ ଯୋଜନାରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଭୂମିକା ରହିଥିବା ଜେଲ କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ପାଟଣାଗଡ ଜେଲ ଅଧିକ୍ଷକ ପ୍ରଦୀପ କୁମାର ମହାଲିକ ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କୁ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ବିରୋଧରେ ଅଭିଯୋଗ କରି ପାଟଣାଗଡ ଜେଲରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ଅନୁରୋଧ କରିଥିଲେ । ଜେଲ କର୍ତ୍ତୃପକ୍ଷଙ୍କ ଏଭଳି ଅନୁରୋଧ ଉପରେ ଏଡିଜେ କୋର୍ଟରେ ଶନିବାର ପୁଞ୍ଜିଲାଲ ମେହେରଙ୍କ ଓକିଲ ଶ୍ରୀମତ ପାଣିଗ୍ରାହୀ ଆପତ୍ତି ଜଣାଇଥିଲେ। କିଛିଦିନ ପୂର୍ବରୁ ବଲାଙ୍ଗୀର ଜିଲା ଦୌରାଜଜ୍ ପାଟଣାଗଡ ଜେଲ ପରିଦର୍ଶନ କରିବାବେଳେ ପାଟଣାଗଡ ଜେଲ କର୍ତ୍ତୃପକ୍ଷ ଓ ଅନ୍ତେବାସୀଙ୍କ ଦୁର୍ବ୍ୟବହାରରେ ସେ ଅତିଷ୍ଠ ହୋଇପଡିଛନ୍ତି ଦର୍ଶାଇ ତାଙ୍କୁ ଅନ୍ୟ ଜେଲକୁ ନିଆଯାଉ ବୋଲି ପୁଞ୍ଜିଲାଲ ଅନୁରୋଧ କରିଥିଲେ। ତେବେ ପାଟଣାଗଡ ଅତିରିକ୍ତ ଜିଲା ଦୌରାଜଜ୍ ମଙ୍ଗଳବାର ଉଭୟ ପକ୍ଷରୁ ଅନୁରୋଧ ଉପରେ ବିଚାର କରି ପୁଞ୍ଜିଲାଲଙ୍କୁ ପାଟଣଗଡ ଜେଲରୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତରଣ କରିବାକୁ ଅନୁମତି ଦେଇଥିବା ଉଭୟ ପକ୍ଷର ଓକିଲଙ୍କ ସୂତ୍ରରୁ ଜଣାପଡିଛି । ଗତବର୍ଷ ଫେବୃଆରୀ ମାସ ୨୩ ତାରିଖରେ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା । ଏଥିରେ ଭଇଁଷା ଜ୍ୟୋତିବିକାଶ କଲେଜ ଅଧକ୍ଷା ସଞ୍ଜୁକ୍ତା ସାହୁ ଓ ପାଟଣାଗଡ ଜବାହାର କଲେଜ ଅଧାପକ ରବୀନ୍ଦ୍ର କୁମାର ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଭଇଁଷା ଜ୍ୟୋତିବିକାଶ କଲେଜର ଇଂରାଜୀ ଅଧାପକ ପୁଞ୍ଜିଲାଲ ମେହେରଙ୍କୁ ଅଭିଯୁକ୍ତ ଦର୍ଶାଇ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିଲା। ଗତବର୍ଷ ଏପ୍ରିଲ ୨୫ତାରିଖଠାରୁ ପୁଞ୍ଜିଲାଲ ପାଟଣାଗଡ ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ବନ୍ଦୀ ଅଛନ୍ତି ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ଭେଡ଼େନ, ୬।୨(ଡ଼ି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ଠାରେ ଚାଲିଥିବା ରାମଲୀଳା ଦେଖି ଘରକୁ ଫେରୁଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ବାଇକ ଦୁର୍ଘଟଣା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଭେଡ଼େନ ଥାନା ଅନ୍ତର୍ଗତ ଚିଚିଣ୍ଡା ଗ୍ରାମର ରଞ୍ଜିତ ମେହେର (୨୩) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରଞ୍ଜିତ ସେହି ଗ୍ରାମର ବଳରାମ ଝାଙ୍କରଙ୍କ ସହ ଏକ ବାଇକ୍ (ନଂ. ଓଡ଼ି୧୭ଏଫ/୬୪୫୬) ଯୋଗେ ଭେଡ଼େନ ରାମଲୀଳା ଦେଖିବାକୁ ଆସିଥିଲେ । ରାବଣ ବଧ ଦେଖି ସାରିବା ପରେ ରାତି ପ୍ରାୟ ୧୨ଟା ସମୟରେ ଉଭୟେ ଚିଚିଣ୍ଡା ଫେରୁଥିବା ବେଳେ କୁତପାଲି ତାଳଧାଡ଼ି ବୁଲାଣିରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଖବର ପାଇ ପୋଲିସ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭେଡ଼େନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡ଼ାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଗୁରୁତର ଆହତ ବଳରାମଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ । ବୁଧବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଛି । ଏ ନେଇ ଭେଡ଼େନ ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ଚିନିକଳ ସମସ୍ୟା ଅସମାହିତ

**ବରଗଡ଼ ଅଫିସ୍,୬।୨**

ବରଗଡ଼ ସହର ଉପକଣ୍ଠ ତୋରା ସମବାୟ ଚିନିକଳ ସମସ୍ୟା ବଢ଼ିବାରେ ଲାଗିଛି। ଆଖୁପେଡ଼ା ବନ୍ଦ ରହିଥିବାବେଳେ ଦୀର୍ଘ ୨୩ମାସ ହେଲା ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ମଧ୍ୟ ପ୍ରଦାନ କରାଯାଇନାହିଁ । ଏହାକୁ ନେଇ କେବଳ କାର୍ଯ୍ୟରତ କର୍ମଚାରୀ ନୁହଁନ୍ତି, ସ୍ଥାନୀୟ ଆଖୁଚାଷୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲାର ପୁରାତନ ଶିଳ୍ପାନୁଷ୍ଠାନ ପ୍ରତି ସରକାରଙ୍କ ଏଭଳି ଅଣଦେଖା ମନୋଭାବ ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

ଅନ୍ୟପକ୍ଷେ ବୁଧବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଚିନିକଳି ସମସ୍ୟା ପ୍ରସଙ୍ଗ ବିଧାନସଭାରେ ଉପସ୍ଥାପନ କରିଥିଲେ । ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ସରକାରୀ ଦୋଷ ଦୁର୍ବଳତାକୁ ଏଡାଇ ଆବଶ୍ୟକ ଆଖୁଚାଷ ନ ହେବା, ଚିନି ଉତ୍ପାଦନ କମ୍ ହେବା ଏବଂ ଚିନିକଳର ନିଜସ୍ୱ ସମ୍ବଳ ଅଭାବ ଯୋଗୁ ସେଭଳି ପରିସ୍ଥିତି ଉପୁଜିଥିବା ତାଙ୍କ ଉତ୍ତରରେ କହିଛନ୍ତି। ଚିନିକଳର ଉତ୍ପାଦନକୁ ବିନିଯୋଗ କରି ଆନୁସଙ୍ଗିକ ୟୁନିଟ୍ ପ୍ରତିଷ୍ଠାର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ରାଜ୍ୟରେ କାର୍ଯ୍ୟ କରୁଥିବା ସମବାୟ ଚିନିଶିଳ୍ପର ପୁନରୁଦ୍ଧାର ପାଇଁ ଚିନିଶିଳ୍ପର ଅଗ୍ରଣୀ ବୈଷୟିକ ଅନୁଷ୍ଠାନକୁ ରିପୋର୍ଟ ଦେବା ପାଇଁ ଆହ୍ୱାନ କରାଯାଇଛି । ସେହି ରିପୋର୍ଟକୁ ଭିତ୍ତି କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ, ୧୯୭୩-୭୪ ବର୍ଷଠାରୁ ବରଗଡ଼ ତୋରାଠାରେ ପ୍ରତିଷ୍ଠିତ ସମବାୟ ଚିନିକଳ ଲିଃ ଚାଲୁଛି । ଚିନିକଳରେ ମୋଟ୍ ୪୫୦ଜଣ କର୍ମଚାରୀ କାମ କରୁଥିବାବେଳେ ତନ୍ମଧ୍ୟରୁ ୧୬୮ଜଣ ସ୍ଥାୟୀ କର୍ମଚାରୀ ଏବଂ ୨୨୨ଜଣ ସିଜିନାଲ ଏବଂ ଅସ୍ଥାୟୀ କର୍ମଚାରୀ ରହିଛନ୍ତି । ଏହି ଚିନିକଳ ଉପରେ ଜିଲା ସମେତ ଜିଲା ବାହାର ଆଖୁଚାଷୀମାନେ ନିର୍ଭ କରିଥାନ୍ତି। କିନ୍ତୁ ଗତ କିଛିବର୍ଷ ହେଲା ଚିନିକଳର ପୁନରୁଦ୍ଧାର ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ଯୋଗୁ ଚାଷୀମାନେ ଆଖୁଚାଷରୁ ମୁହଁ ଫେରାଇ ନେଉଛନ୍ତି । ଏହି କ୍ରମରେ ଏଠାରେ ଚିନି ଉତ୍ପାଦନ ହ୍ରାସ ପାଇଥିବା ବେଳେ ଶେଷରେ ଆଖୁପେଡ଼ା କାର୍ଯ୍ୟ ମଧ୍ୟ ଠପ୍ ପଡ଼ି ଯାଇଛି । ଏଭଳିସ୍ଥଳେ ଶେଷରେ ଚିନିକଳ କର୍ମଚାରୀଙ୍କ ଦରମାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ କର୍ମଚାରୀମାନେ ଦୀର୍ଘଦିନ ହେଲା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମବାୟ ଚିନିକଳ ସମ୍ମୁଖରେ ଧାରଣା ଦେବା ପରେ ଜିଲାପାଳ ଅଫିସ ଆଗକୁ ଆସି ରିଲେ ଅନଶନରେ ବସିଛନ୍ତି । କର୍ମଚାରୀଙ୍କ ଏଭଳି ଆନ୍ଦୋଳନକୁ ୬୦ଦିନ ବିତି ଯାଇଛି। କିନ୍ତୁ କିଛି ସୁଫଳ ମିଳିବା ତ ଦୂରର କଥା, ସେମାନଙ୍କ ପାଖକୁ ପରିଚାଳନା ପରିଷଦ, ବିଭାଗୀୟ ପଦାଧିକାରୀଙ୍କ ପାଦ ମଧ୍ୟ ପଡିନାହିଁ । ଚିନିକଳର ଆବଶ୍ୟକତାକୁ ନେଇ ଯେଉଁ ଅନୁଦାନ ଆସୁଛି, ତାହା ସମୁଦ୍ରକ ଶଙ୍ଖେ ଭଳି । ସେଥିପାଇଁ ଚିନିକଳ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି । ବିଧାନସଭାରେ ବିଧାୟକ ଆଚାର୍ଯ୍ୟ ଚିନିକଳ ପ୍ରସଙ୍ଗ ଉପସ୍ଥାପନ କରିବା ପରେ ସମସ୍ୟାର ସମାଧାନ ହେଉଛି ନା ତାହା ପୂର୍ବଭଳି ଅସମାହିତ ରହୁଛି, ତାକୁ ଏବେ ଅଞ୍ଚଳବାସୀ ଚାହିଁ ବସିଛନ୍ତି ।

**ତୋରା ସମବାୟ ଚିନିକଳ**



ଜିଲାପାଳ ଅଫିସ ଆଗରେ ଚିନିକଳ କର୍ମଚାରୀଙ୍କ ଧାରଣା, ରିଲେ ଅନଶନ ।

- ଫିଟୁନି ସମାଧାନ ବାଟ
- ବିଧାନସଭାରେ ଉଠିଲା ଚିନିକଳ ପ୍ରସଙ୍ଗ
- କର୍ମଚାରୀଙ୍କ ଧାରଣାକୁ ବିତିଲା ୬୦ଦିନ
- କଲେକ୍ଟୋରେଟ୍ ଆଗରେ ରିଲେ ଅନଶନ
- ଅନିଶ୍ଚିତ ଆଡକୁ ଟାଣିଲା ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର

■ ଗରିବ ହେବାରଟା ଦୋଷ୍ ନୁହେ

# କମେଇ ଖାଏବାର ଇଛା ଥିବାର ଦରକାର



କୈଳାଶ ଉଷୋକଷା ତିଆରୁଛନ୍ ।

**ଅତାବିରା, ୬।୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କେଉଟିପାଲି ଗାଁର କୈଳାଶ ମହାନନ୍ଦ(୪୦) । ପରିବାର କହେଲେ ମାଏକିନା, ପୁଓ ଝିଁକେ ନେଇ ତାକର ସୁଖର ସଁସାର। ଜମିବାଡ଼ି ବଲି କିଛିନାଇଁ, ପରିବାରଟା ନିହାତି ଗରିବ୍। ହେଲେ ସେ ନିଜେ ଗରିବ୍ ହେବାରଟାକେ କେଭେ ଦୋଷ୍ ନାଇଁ ଦେଇ। ନିଜର ବୁଦ୍ଧି ବିବେକ ଖଟେଇ ଝାର ଜଂଗଲରୁ ଉଷୋକଷାର ଗୁନ୍ ଥିବାର ପତର, ଚେର୍, ଛାଲି ଚିନ୍ହିଁ ଠୁଲଉଛନ୍। ସେଥିରୁ ଭିନେ ଭିନେ ପରକାର ଉଷୋକଷା ତିଆର କରୁଛନ୍। ପହଁତିଆନୁ ସେ ସବୁକେ ଗୁଟେ ସାଇକେଲରେ ଜୁଗ୍‌ରେଇ ବରଗଡ଼ ଜିଲାର ଅତାବିରା, ଭେଡ଼େନ ବ୍ଲକର ସାପ୍ତାହିକ ବଜାରନୁ ମୂଲ କରି ଭିନେ ଭିନେ ଗାଁ ବୁଲି ଉଷୋ ବିକୁଛନ୍। ବେଲ୍‌ବୁଡ଼ବାର ଆଗ୍‌ରୁ ତାକର ଠିକ୍‌ନା ଜାଗାକେ ଫିରି ଆସୁଛନ୍। ସେନ୍‌ତା ହପ୍‌ତାକ ଥରେ ଘରକେ ଫିରୁଛନ୍। ଘରକେ ଫିରଲା ବେଲେ ରୁଜ୍‌ଗାର କରିଥିବାର ଟଁକା ପଏସାରେ ଚାଉଲ, ପନିପରିବା ଘିନି ଘରକେ ଫିରୁଛନ୍। କୈଳାଶ ଜଣ୍ଡିସ, ମଳକଣ୍ଟ, ମଧୁମେହ, ବାତ, ପେଟ ଜଲାପୁଡ଼ା, ଗ୍ୟାସ ଆଦି ରୋଗ୍‌ର ଉଷୋ ତିଆର କରି ବିକୁଛନ୍। ସେ ସାପ୍ତାହିକ୍ ବାଜାରମାନକେ ତାକର ଉଷୋକଷାର ପସରା ମେଲି ବସୁଛନ୍। କମ୍ ଦାମ୍‌ରେ ରୋଗ୍ ଠିକ୍ ହେଉଥିବାର ଲାଗି ତାକରନେ ଲୋକ୍ ଭିଡ଼୍ ଜମଉଥିବାର ଦେଖିବାକେ ମିଲିଛେ। ତାହାକୁ ବେପାର ବାବ୍‌ଦେ ପଚରାଲାରୁ ହପ୍‌ତାକ ସେ ୨ ହଜାରରୁ ୨୫ଶହ ଟଁକା ତକ୍ ରୁଜ୍‌ଗାର କରସିଁ, ଇଥିରେ ମୋର ପରିବାର ହଁସ୍‌ଖୁସିଥି ଚଲିଯାଉଛେ ବଲି ସେ କହିଥିଲେ।

# ଜିଲାପାଳଙ୍କୁ ଭେଟିଲେ ଲିପିକା



ବରଗଡ଼ ଜିଲାପାଳଙ୍କୁ ଲିପିକା ସେଠ୍ ଭେଟୁଛନ୍ତି ।

**ବରଗଡ଼ ଅଫିସ୍,୬।୨**

ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ(୫୮୯୫ ମିଟର) ଶିଖରକୁ ସଫଳତାର ସହିତ ପହଞ୍ଚି ସେଠାରେ ତ୍ରିରଙ୍ଗା ଉଡ଼ାଇଥିବା ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଡାଲବ ଗ୍ରାମର ପର୍ବତାରୋହୀ ଲିପିକା ସେଠ(୨୪) ବୁଧବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟିଥିଲେ । ଜିଲାପାଳ ତ୍ରିପାଠୀ ଏବଂ ସେଠାରେ ଉପସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ୍ ଲିପିକାଙ୍କୁ ତାଙ୍କ ସେହି ସଫଳତା ନେଇ କୃତଜ୍ଞତା ଜଣାଇବା ସହିତ ଉତ୍ତରୋତ୍ତର କାମନା କରିଥିଲେ । ଉଲ୍ଲେଖନୀୟ, ଡାଲବ ନିବାସୀ ବିଜୟଲକ୍ଷ୍ମୀ ସେଠ ଓ ଲକ୍ଷ୍ମଣ ସେଠଙ୍କ ଝିଅ ଲିପିକା ଗତ ୨୧ତାରିଖରୁ ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ ଅଭିମୁଖେ ବାହାରିଥିଲେ । ଗତ ୨୩ତାରିଖ କିଲିମାଞ୍ଜାରୋ ପହଞ୍ଚିଥିଲେ ଏବଂ ସେଠାକାର ବେସ୍ କ୍ୟାମ୍ପରେ ୨୫ତାରିଖ ପର୍ଯ୍ୟନ୍ତ ରହିବା ପରେ ରାତ୍ରି ପ୍ରାୟ ୧୨ଟାରେ ଉପରୋକ୍ତ ଶୃଙ୍ଗର ଶିଖର ଅଭିମୁଖେ ବାହାରିଥିଲେ । ୨୬ତାରିଖ ସକାଳ ପ୍ରାୟ ୭ଟା ସୁଦ୍ଧା ଶିଖରକୁ ପହଞ୍ଚି ସେଠାରେ ସେ ଭାରତର ଜାତୀୟ ପତାକା ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିଲେ ।

■ ବିକାଶରେ କ୍ୟାରିୟର କାଉନସେଲିଂ ସେମିନାର

# ଭାଗନେଲେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର

**ବରଗଡ଼ ଅଫିସ୍,୬।୨**

ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନ ପରିସରରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାଟାର୍ଡ଼ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆ(ଆଇସିଏଆଇ) ଦ୍ୱାରା ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ କ୍ୟାରିୟର କାଉନସେଲିଂ ସେମିନାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସେମିନାରରେ ସିଏ ରାଶିକା ସିଂଘଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସେମିନାରରେ ଭାଗ ନେଇଥିଲେ । ଏଥିରେ ବାଣିଜ୍ୟ କ୍ୟାରିୟରର ବିଭିନ୍ନ କୋଣ ଏବଂ ଆଭିମୁଖ୍ୟ ଉପରେ ପୁଙ୍ଖନାପୁଙ୍ଖ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଛାତ୍ରୀଛାତ୍ରଙ୍କୁ ଯୁକ୍ତଦୁଇ ଓ ସ୍ନାତକ ପରେ ଚାଟାର୍ଡ଼ ଆକାଉଣ୍ଟାନ୍ସି ପାଠ୍ୟକ୍ରମ ଏବଂ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ସୁଯୋଗ ଉପରେ ସୂଚନା ଦେଇଥିଲେ । ଏହା ସହିତ ସେହି ସ୍ତରରେ ଯୋଗଦେବା ପାଇଁ ଆବଶ୍ୟକ ମାନସିକ ଏବଂ ଶିକ୍ଷାଗତ ପରିପକ୍ୱତାର ବିଭିନ୍ନ ଉପାଦାନ ଉପରେ ଆଲୋକପାତ କରିଥିଲେ । ଡିଗ୍ରୀ ମହାବିଦ୍ୟାଳୟର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେମିନାର ଶେଷରେ ଆଇସିଏଆଇ ତରଫରୁ ଡିଗ୍ରୀ ମହାବିଦ୍ୟାଳୟର ଉପାଧ୍ୟକ୍ଷା ପଣ୍ଡାଙ୍କୁ ସ୍ମୃତିଫଳକ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ ରେଷିତା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।



ସେମିନାରରେ ଜଣେ ଛାତ୍ରୀଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଉଛି ।

# ଖଲିଆପାଲିରେ ଏକତା ଦିବସ

**ବରଗଡ଼ ଅଫିସ୍,୬।୨**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି କେନାଲପଡ଼ାରେ ଏକତା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ନେତାଜୀ କ୍ଲବ ଓ ଗୋପବନ୍ଧୁ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ତଥା ବିଜେଡ଼ି ନେତା ସମ୍ବିତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାଯର୍‌ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଶାନ୍ତ କୁଅଁର ଅଧ୍ୟକ୍ଷତା କରିଥିଲେ । କଳାକାହ୍ନୁ ବାରିକ, ଦଉଡ଼ ଛତ୍ରିଆ, ହରିହର ଗୁପ୍ତା, ବାଙ୍କା ନନ୍ଦ, ରାମ ସିଂ କୁମ୍ଭାର, କାହ୍ନୁ ଜଗଦଲା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଦୁଃଖିଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅତାବିରା ବ୍ଲକ: ଛତୁଆ ବଣ୍ଟନରେ ଅନିୟମିତତା ଅଭିଯୋଗ

**ଜାମଟିକ୍ରା, ୬।୨ (ଡି.ଏନ.ଏ)**

**ତଦନ୍ତ କରି ପଦକ୍ଷେପ ନେବାକୁ କହିଲେ ଡିଏସ୍‌ଡବ୍ଲ୍ୟୁଓ**

ବରଗଡ଼ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ଛତୁଆ ବଣ୍ଟନରେ ଅନିୟମତିତା କରାଯାଇଥବବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଗୋଟିଏ ଏସ୍‌ଏଚ୍‌ଜି ଗତ ଜାନୁୟାରୀ ମାସରେ ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା, କୁଲୁଣ୍ଡା, ପତ୍ରାପାଲି, ବୁଗବୁଗା, ଝିଲିମିଣ୍ଡା, ଲଦିଦା, ମନାପଡା, ହିର୍ଲିପାଲି, ଚାବିରପାଲି ସମେତ ଆହୁରି ଅନେକ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଦେଇନାହିଁ । ଫଳରେ ଶିଶୁ, ଗର୍ଭବତୀ ଓ ପ୍ରସୂତୀ ମା'ମାନେ ଛତୁଆ ପାଇବାରୁ ବଞ୍ଚିତ ହୋଇଛନ୍ତି । ହିତାଧିକାରୀମାନେ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ପଚାରିବାରୁ ସେ କହୁଛନ୍ତି, ଜାନୁୟାରୀ ମାସର ଛତୁଆ ଆସିନାହିଁ । ଆମେ କେମିତି ଦେବୁ । ଉକ୍ତ ଏସ୍‌ଏଚ୍‌ଜି କେବଳ କାଦୋବାହାଲ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଦେଇଥିବାବେଳେ ଆଉ ଅବଶିଷ୍ଟ କେନ୍ଦ୍ରଗୁଡ଼ିକୁ ଛତୁଆ ନ ଦେଇ ଜାନୁୟାରୀ ମାସର ଛତୁଆ ବାବଦ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହେଉଛି। ଏ ନେଇ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସମ୍ପର୍କରେ ବରଗଡ ଜିଲା ଡିଏସ୍‌ଡବ୍ଲ୍ୟୁଓ ନଳିନୀ ସାମନ୍ତରାୟଙ୍କୁ ପଚାରିବାରୁ ଏ ଦେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା

**ବରଗଡ଼ ଅଫିସ୍/ଭଟଲି/ଭେଡେନ,୬।୨**

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜିଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶୋଭାଯାତ୍ରା, ସଭା ଆଦି ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା କରାଯାଇଛି। ବରଗଡ଼ ସହରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସପି ମୁକେଶ କୁମାର ଭାମୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଭଟଲି ବ୍ଲକ ନୂଆଁଗଡ଼ସ୍ଥିତ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁରୂପ ଶୋଭାଯାତ୍ରା ହୋଇଥିଲା । ଏଠାରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ସୁଶୀଲ କୁମାର ସାହୁ ସଭାପତିତ୍ୱ କରିଥିଲେ। ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇ ଟ୍ରାଫିକ ସଚେତନତା ତଥା ସଡ଼କ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ । ଗୀତାଞ୍ଜଳି ମହାପାତ୍ର, ସଙ୍ଗୀତା ସାହୁ, ଆନନ୍ଦ ସାହୁ, ମୁନସୀ ପାତ୍ର, ରମେଶ ଚନ୍ଦ୍ର ନାଏକ, ନିତ୍ୟାନନ୍ଦ ଖମାରୀ, ଗିରିଧାରୀ ଯୋଶୀ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ ।

**ଭେଡ଼େନ, (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ହାଇସ୍କୁଲ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବୁଧବାର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ଦେଇ ଶୋଭାଯାତ୍ରାରେ ବୁର୍ଦ୍ଧା ଗ୍ରାମ ପରିକ୍ରମା କରିଥିଲେ । ପରେ ହାଇସ୍କୁଲ ପ୍ରଧାନଶିକ୍ଷକ ଅସିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆରସିସି ନିରାକାର ଧରୁଆ ମୁଖ୍ୟଅତିଥି, ଟ୍ରାଫିକ ସଂଯୋଜକ ଭୋସାଗର ମୁଖ୍ୟବକ୍ତା, ଶିକ୍ଷକ ଅସିତ ମହାପାତ୍ର, ସୁବାସ ଚନ୍ଦ୍ର ସେଠ, ଜୀବନ ବଘାର, ବିନୟ କୁମାର ପଣ୍ଡା, ମନୋଜ ପଟେଲ, ରମେଶ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ସରକ୍ଷାର ନିୟମାବଳୀ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ଭେଡ଼େନ ବ୍ଲକ ବୁର୍ଦ୍ଧାରେ ଛାତ୍ରୀଛାତ୍ର ଟ୍ରାଫିକ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।



ବରଗଡ଼ ସହରରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ।

### ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ
# ୧୮ ଦଳ ଭାଗ ନେବେ

**ପାଇକମାଳ, ୬।୨ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ପ୍ରାଣୀ ଚିକିତ୍ସାଳୟ ପରିସରରେ ୧୬ତମ ନୃସିଂହନାଥ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ସାମାଜିକ କର୍ମୀ ରାଜୁ ଘିବେଲା ମୁଖ୍ୟଅତିଥି, ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ସିଆରପିଏଫ ଓସି ଅବଦୁଲ ଆହତ, ଭଜରାମ ରାଉତ, କୁସୁମ କୁମାର ରାଓ, ଜୟନ୍ତ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ବିଭିନ୍ନ ଦିବସରେ ୧୮ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦିବସରେ ଗୋପାଳ ଅଗ୍ରୱାଲ, ସୁମିତ ଅଗ୍ରୱାଲ ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଆୟୁଷ ଅଗ୍ରୱାଲ, ମହମ୍ମଦ ଇଜାଜ୍, ଜତିନ୍ଦ୍ର ଚାନ୍ଦ, କବି ଅଗ୍ରୱାଲ ଖେଳ ପରିଚାଳନା କରିଥିଲେ । ଅଶୋକ ସାହୁ, ସୁକାନ୍ତ ରାଉତ, ଲିଙ୍ଗରାଜ ସାହୁ ଓ ଅଞ୍ଜନ ମହାଲିକ ସହଯୋଗ କରିଥିଲେ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ତାମିଲନାଡୁରେ ବିନିକାର ଶ୍ରମିକ ମୃତ

**ବିନିକା, ୬।୨(ଡି.ଏନ୍.ଏ.):** କାମ କରିବାକୁ ତିନିମାସ ତଳେ ତାମିଲନାଡୁ ଯାଇଥିବା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଗଣେଶପୁର ହାଲକାପାଲି ପଡାରେ ମାୟାଧର ବରିହା(୧୯ ) ନାମକ ଜଣେ ଯୁବ ଶ୍ରମିକଙ୍କ ସେଠାରେ ମୃତ୍ୟୁ ଘଟିଛି। ବୁଧବାର ମୃତକଙ୍କ ବାପା କ୍ଷିରସିନ୍ଧୁ ବରିହା ନିକଟରୁ ଏହା ଜଣାପଡିଛି। କ୍ଷୀରସିନ୍ଧୁଙ୍କ କହିବା ଅନୁସାରେ ପରିବାରର ଆର୍ଥିକ ଦୁର୍ଗତି ଯୋଗୁ ମାୟାଧର ଅଧାରୁ ପାଠକୁ ଛାଡି କାମ କରିବାକୁ ତାମିଲନାହଡୁ ଯାଇଥିଲେ। ସେଠାରେ ସେ ଏକ ସୂତାକଳରେ କାମ କରୁଥିଲେ। ଝାଡାବାନ୍ତିରେ ମାୟାଧରଙ୍କ ମୃତ୍ୟୁ ହୋଇଥିବା ସୂତାମିଲ କର୍ତ୍ତୃପକ୍ଷ ମଙ୍ଗଳବାର ରାତିରେ ତାଙ୍କୁ ଫୋନ କରି କହିଥିଲେ। ହେଲେ ଏହାକୁ ମୁଁ ବିଶ୍ୱାସ କରି ପାରୁନାହିଁ ବୋଲି କ୍ଷୀରସିନ୍ଧୁ କହିଛନ୍ତି। ଗୁରୁବାର ମାୟାଧରଙ୍କ ମୃତଦେହ ଏଠାରେ ଆସି ପହଞ୍ଚିବ। ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ଏବେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ବିନିକା ବିଡିଓ ବିଶ୍ୱ ରଞ୍ଜନ ମଲ୍ଲିକ କହିଛନ୍ତି ଯେ, ଏନେଇ ମୁଁ କୌଣସି ଅଭିଯୋଗ ପାଇନାହିଁ। ଅଭିଯୋଗ ପାଇଲେ ଘଟଣାର ତଦନ୍ତ କରିବି। ବ୍ଲକ୍‌ସ୍ତରରେ ମାହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାମ ଚାଲିଛି। ହାତ ପାଆନ୍ତାରେ ଏଠାକାର ଶ୍ରମଜୀବୀ କିପରି କାମ ପାଇବେ ଏବଂ ଦାଦନ ଖଟିବାକୁ ବାହ୍ୟ ରାଜ୍ୟକୁ ନ ଯିବେ ସେ ନେଇ ଅନେକ ସଚେତନତା କାର୍ଯ୍ୟକ୍ରମ କରା ଯାଉଛି ବୋଲି କହିଛନ୍ତି।

### ନାରାୟଣ ସାଗର ଉନ୍ନତୀକରଣ ପାଇଁ ପାଣି କଟାଗଲା

**ଲୋଇସିଂହା, ୬।୨(ଡି.ଏନ.ଏ.):** ଲୋଇସିଂହା ନାରାୟଣସାଗର ଉନ୍ନତୀକରଣ ସକାଶେ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଯୁବ ବିଜେଡି ସମ୍ପାଦକ ନିହାର ରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ ଏଥିପାଇଁ ପୂଜାର୍ଚ୍ଚନା କରିଥିଲେ। ପରେ ହିଡ କାଟି ତଳମୁଣ୍ଡକୁ ପାଣି ଛଡା ଯାଇଥିଲା। ଏହି ଅବସରରେ କାମ ପାଇଥିବା ଠିକାଦାରଙ୍କ ସମେତ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ପ୍ରକାଶ ଯେ,୧୨୦ ଏକର ବିଶିଷ୍ଟ ନାରାୟଣ ସାଗର ରକ୍ଷଣାବେକ୍ଷଣ ଅଭାବରୁ ପଙ୍କରେ ପୋତି ହୋଇଯାଇଥିଲା। ପୋତି ହେବା ଦ୍ୱାରା ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଥିଲା। ଗ୍ରୀଷ୍ମ ଦିନରେ ଲୋଇସିଂହାବାସୀ ଦୈନନ୍ଦିନ କାର୍ଯ୍ୟ ପାଇଁ ଓ ଚାଷୀମାନେ ମରୁଡି ସମୟରେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନାରାୟଣ ସାଗରର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ଏମଆଇପି ବିଭାଗ ପକ୍ଷରୁ ୧ କୋଟି ୪୮ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

# ଋଣ ନାଁରେ ବ୍ୟାଙ୍କ ନେଇଗଲା ଆବାସ ଯୋଜନା ଟଙ୍କା

## କାର୍ଯ୍ୟାଦେଶ ସତ୍ତ୍ୱେ ଘର କରି ନ ପାରି ହିତାଧିକାରୀ ହତାଶ

**ବୀରମହାରାଜପୁର, ୬।୨ (ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ସକାଶେ ହିତାଧିକାରୀଙ୍କ ଆକାଉଣ୍ଟରେ ଜମା କରାଯାଇଥିବା ସରକାରଙ୍କ ସହାୟତା ରାଶିକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ନାଁରେ ନେଇଯାଇଥିବା ଅଭିଯୋଗ ହୋଇଛି। ସେହି କାରଣରୁ ସମ୍ପୃକ୍ତ ହିତାଧିକାରୀ ଘରକାମ ଆରମ୍ଭ କରିବାକୁ ସକ୍ଷମ ହେଉ ନାହାନ୍ତି। ତେଣେ ବ୍ଲକ କର୍ତ୍ତୃପକ୍ଷ ତାଙ୍କ ଖାଉଟି କାର୍ଡକୁ ଅଚଳ କରିଦେଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହୋତା ଗ୍ରାମର ଗୋରେଖ ଭୋଇ ଏଭଳି ଘଟଣାର ସାମ୍ନା କରୁଛନ୍ତି। ବ୍ଲକ ପ୍ରଶାସନ ଗୋରେଖଙ୍କୁ ପିଏମ୍‌ଏୱାଇ ହିତାଧିକାରୀ ଭାବେ ଘର ତିଆରି ପାଇଁ କାର୍ଯ୍ୟାଦେଶ ଦେଇଥିଲେ। ଉକ୍ତ ଯୋଜନାର ଗାଇଡ୍‌ଲାଇନ୍ ମତେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଥମ କିସ୍ତି ରାଶି ୨୦ ହଜାର ଟଙ୍କା ଜମା କରାଯାଇଥିଲା। ତେବେ ସମ୍ପୃକ୍ତ ହିତାଧିକାରୀ ଟଙ୍କା ଉଠାଣ ପାଇଁ ତାଙ୍କର ଆକାଉଣ୍ଟ ଥିବା ବୀରମହାରାଜପୁର ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଯାଇଥିବା ବେଳେ ଜାଣିବାକୁ ପାଇଲେ ଯେ ବ୍ୟାଙ୍କର ବକେୟା ଋଣ ବାବଦରେ କାଟି ଦିଆଯାଇଛି। ଗୋରେଖ ଭୋଇ ବହୁ ପୂର୍ବରୁ ଛେଳି ପାଳନ ସକାଶେ ୧୫୦୦୦ ହଜାର ଟଙ୍କା ଋଣ କରିଥିଲେ। ସେହି ଛେଳି ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଉକ୍ତ ଋଣ ପରିଶୋଧ କରିବାକୁ ପଡିବ ନାହିଁ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ଫଳ ହେଲା ଓଲଟା। ପିଏମ୍‌ଏୱାଇ ଘର ତିଆରି ପାଇଁ ପ୍ରଥମ କିସ୍ତିରେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମିଳିଥିବା ୨୦ହଜାର ଟଙ୍କାକୁ ତାଙ୍କ ଅଜାଣତରେ ବ୍ୟାଙ୍କ ନେଇଗଲା। ଅପରପକ୍ଷେ ବ୍ଲକ ପ୍ରଶାସନ ଘର ତିଆରି କରିପାରୁ ନ ଥିବା ଯୋଗୁଁ ରାଶନ କାର୍ଡ ଯୋଗେ ମିଳୁଥିବା ତାଙ୍କର ଚାଉଳ ଯୋଗାଣକୁ ବନ୍ଦ କରି ଦେଇଥିବା ଜଣାପଡିଛି । ଫଳରେ ଭୋକ ଉପାସରେ ଦିନ କାଟୁଥିବା ଗୋରେଖ ଭୋଇଙ୍କ ପରିବାର ବୀରମହାରାଜପୁର ବିଡିଓଙ୍କୁ ଗୁହାରି କରିଛନ୍ତି। ଏ ନେଇ ବିଡିଓ ଅଭିମନ୍ୟୁ ମାଝୀଙ୍କୁ ପଚାରିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାବଦ ଜମା ଟଙ୍କା ବ୍ୟାଙ୍କ କର୍ତ୍ତୃପକ୍ଷ କାଟିବା କଥା ନୁହେଁ। ତେଣୁ ସେ ଲିଡ୍ ବ୍ୟାଙ୍କ ମ୍ୟାନେଜରଙ୍କୁ ଚିଠି ଲେଖିଥିବା ପ୍ରକାଶ କରିଥିଲେ। ତତ୍‌ସହିତ ଖାଉଟି କାର୍ଡ ମାଧ୍ୟମରେ ଚାଉଳ ଯୋଗାଣ ମଧ୍ୟ ଚାଲୁ ରହିବ ବୋଲି ସେ କହିଛନ୍ତି।

### କୋଶଳ ଆନ୍ଦୋଳନକୁ ସହଯୋଗ ପାଇଁ ବୈଠକ

**ଉଲୁଣ୍ଡା ୬।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କୋଶଳ ସମନ୍ୱୟ ସମିତି ତରଫରୁ ବୁଧବାର କଲେଜ ପଡିଆଠାରେ କୋଶଳ ରାଜ୍ୟ ପାଇଁ ସହଯୋଗ ଅଭିଯାନ ଆରମ୍ଭ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିତିନ ପଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୋଟସମଲାଇ ପାତାଳି ମହୋତ୍ସବରେ ଲୋକଙ୍କୁ କୋଶଳ ଆନ୍ଦୋଳନ ପାଇଁ ସହଯୋଗ କରିବାପାଇଁ ଅନୁରୋଧ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆଦିତ୍ୟ ପୁରୋହିତ, ତଥାଗତ ମହାକୁର, ରାମା ପଧାନ, ଶରତ ପୋଢ, ରେବୁନ ବାରିକ, ଝାଙ୍କର ପଧାନ, ସୁଶାନ୍ତ ରଣା, ବୁଠି ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ସୋନପୁର କଲେଜରେ ଆର୍ଥିକ ଅନିୟମିତତା ଅଭିଯୋଗ

# ପ୍ରାକ୍ତନ ଅଧ୍ୟକ୍ଷା, ୨ କର୍ମଚାରୀ ନିଲମ୍ବିତ

**ସୋନପୁର,୬।୨(ନି.ପ୍ର.)**

ସୋନପୁର କଲେଜ ପରିଚାଳନା କମିଟି କଲେଜର ପ୍ରାକ୍ତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ରସାୟନ ବିଭାଗର ପ୍ରାଧ୍ୟାପିକା ଡ. ପ୍ରିୟଲତା ଜେନା, ରସାୟନ ବିଭାଗ ଡେମନଷ୍ଟ୍ରେଟର ରବି ନାରାୟଣ ମିଶ୍ର ଓ ମୁଖ୍ୟ କିରାଣି ତଥା ଆକାଉଣ୍ଟାଣ୍ଟ ପ୍ରମୋଦ କୁମାର ବାଗଙ୍କୁ ୧ମାସ ପାଇଁ ନିଲମ୍ବନ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ କଲେଜ ପରିଚାଳନା କମିଟି ବୈଠକରେ ଏନେଇ ସର୍ବସମ୍ମତି ପ୍ରସ୍ତାବ ଗ୍ରହଣ କରାଯାଇଥିବା କଲେଜ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ. କେଦାରନାଥ ମିଶ୍ର କହିଛନ୍ତି। ଏପରିକି ନିଲମ୍ବନ ହୋଇଥିବା ପ୍ରାଧ୍ୟାପିକା ଓ ୨କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବା ସହ ନିଲମ୍ବନ ସଂକ୍ରାନ୍ତୀୟ ସୁପାରିଶକୁ ମଞ୍ଜୁର ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଲେଖାଯାଇଛି। ଆସନ୍ତା ୨୯ତାରିଖ ସୁଦ୍ଧା ବିଭାଗୀୟ ନିର୍ଦ୍ଦେଶକଙ୍କଠାରୁ ଯଦି କୌଣସି ଉତ୍ତର ନ ମିଳେ ତେବେ ନିଲମ୍ବନ ସମୟକୁ ଆହୁରି ବୃଦ୍ଧି କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ଅଡିଟ୍ ଟିମ୍ ତାଙ୍କ ରିପୋର୍ଟରେ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସୁପାରିଶ କରିଥିବାରୁ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ମିଶ୍ର ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ସୋନପୁର କଲେଜରେ ଗତ ୨୦୧୫-୧୬ ଓ ୧୬-୧୭ ଆର୍ଥିକ ବର୍ଷରେ ବିଭିନ୍ନ ନିର୍ମାଣ, ମରାମତି କାମରେ ପ୍ରାୟ ୭୬ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ହୋଇଥିବା କାମର ରେକର୍ଡ, କ୍ୟାଶବୁକ୍ ଓ ଭାଉଚର ମିଳିନଥିଲା। ଏପରିକି ଜାଲ ଟିନ୍ ନମ୍ବର ଦେଇ ବିଭାଗୀୟ କର୍ମଚାରୀମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ଜିନିଷ କିଣିଥିଲେ। ଏହି ଆର୍ଥିକ ଅନିୟମିତତା ଜଣାପଡିବା ପରେ କର୍ତ୍ତୃପକ୍ଷ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ୨ ଜଣ ଅଧ୍ୟାପକଙ୍କ ଦ୍ୱାରା ଅନ୍ତଃ ଅଡିଟ କରାଇଥିଲେ। ରିପୋର୍ଟ ଦାଖଲ ପରେ ପୁନର୍ବାର କଲେଜ କର୍ତ୍ତୃପକ୍ଷ ଏହାର ଅଡିଟ୍ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା କରାଇ ରିପୋର୍ଟ ତଲବ କରିଥିଲେ। ଏହି ରିପୋର୍ଟ ମିଳିବା ପରେ ପରିଚାଳନା କମିଟି ଏଭଳି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

#### ପରିଚାଳନା କମିଟିର କାର୍ଯ୍ୟାନୁଷ୍ଠାନ

କମିଟି ବୈଠକରେ ସୋନପୁର ଉପଜିଲାପାଳ ତଥା କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ବଳରାମ ମଲ୍ଲିକ, ଉପାଧ୍ୟକ୍ଷ ତରୁଣ କୁମାର ମିଶ୍ର, କମିଟି ସଦସ୍ୟା ତଥା ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ କୃଷ୍ଣପ୍ରିୟା ମହାପାତ୍ର, ସୋନପୁର ବିଧାୟକଙ୍କ ପ୍ରତିନିଧି ଗୌରିଶ୍ୟାମ ପଣ୍ଡା, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଗୁପ୍ତପ୍ରକାଶ ମିଶ୍ର, ନିର୍ଦ୍ଦେଶକଙ୍କ ପ୍ରତିନିଧି ରେଣୁକା ମିଶ୍ର, ଭିସିଙ୍କ ପ୍ରତିନିଧି ଅମ୍ବିକା ମିଶ୍ର, ଉପଜିଲାପାଳଙ୍କ ପ୍ରତିନିଧି ଶାନ୍ତିମଞ୍ଜରୀ ମିଶ୍ର, ଅଣଶିକ୍ଷକ କର୍ମଚାରୀ ପ୍ରତିନିଧି ପ୍ରଫୁଲ୍ଲ କୁମାର ନାଏକ, ଦଳିତ ସେଲ ପ୍ରତିନିଧି ଦୁଃଖିଶ୍ୟାମ ବାଗ ଓ ଶିକ୍ଷାବିତ୍ ଡ. ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

### ପାତାଳି ମହୋତ୍ସବର ଦ୍ୱିତୀୟ ଦିବସ

# ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଲେ ଶ୍ରଦ୍ଧାଳୁ

**ଉଲୁଣ୍ଡା, ୬।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରଠାରେ ଆୟୋଜିତ ୧୪ତମ ପାତାଳି ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ଦିବସ। ନିର୍ଦ୍ଧାରିତ ସୂଚୀ ମତେ ଦ୍ୱତୀୟ ଦିନରେ ୫୬ପ୍ରହର ନାମଯଜ୍ଞସ୍ଥଳରେ କର୍ଣ୍ଣପାଲି, ଶାଗଜୁରୀ, କୋଟସମଲାଇ ଏବଂ ମହୁଲପାଲି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ବିଶ୍ୱମଙ୍ଗଳ କାମନା କରି ପାଞ୍ଚଟି ହୋମକୁଣ୍ଡରେ ପଣ୍ଡିତ ଦେବାର୍ଚ୍ଚନ ଦାଶ, ବିଦ୍ୟାଧର ଦାସ, ନବୀନ କୁମାର ନନ୍ଦ, ଗୌରଚରଣ ନନ୍ଦ, ସୁରେନ୍ଦ୍ର ହୋତା ,ଦଶରଥ ନନ୍ଦ ହବନ କରିଥିଲେ। ଆଜି ଅତିଥିଭାବେ କୋଟସମଲାଇ ଗଡତ୍ୟା ଚମରା ଅମାତ, ସ୍ଥାନୀୟ ସରପଞ୍ଚ ସତ୍ୟାନନ୍ଦ ମେଣ୍ଡଲି, ଉଲୁଣ୍ଡା ଏବିଇଓ ଗୋପାଲ ପଣ୍ଡା, ଖୁଣ୍ଟୁଲାପାଲି ଗୌନ୍ତିଆ ନାରାୟଣ ତ୍ରିପାଠୀ ଓ ସାମାଜିକ କର୍ମୀ କମଳାକାନ୍ତ ବାଘ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଲୁଣ୍ଡା ଶ୍ରକୃଷ୍ଣ ପ୍ରଜ୍ଞା ଶିକ୍ଷାନିକେତନର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ଖଣ୍ଡକଟାର ଜଗନ୍ନାଥ ସଂସ୍କୃତି ଗାୟିକା ରୁଦ୍ରାଣୀ ପଟେଲ, ବାୟକ ଚୂଡାମଣି ପାଣ୍ଡେ ଓ ସାଥୀ ପାଲା ପରିବେଷଣ କରିଥିଲେ। ପରମ୍ପରା କ୍ରମେ ଜଗନ୍ନାଥଙ୍କ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା।



ମହୋତ୍ସବରେ ନୃତ୍ୟ ପରିବେଷଣ କରି ପୁରସ୍କୃତ ଉଲୁଣ୍ଡା ଶ୍ରକୃଷ୍ଣ ପ୍ରଜ୍ଞା ଶିକ୍ଷାନିକେତନର ଛାତ୍ରୀମାନେ। ପାଖରେ ଉକ୍ତ ସ୍କୁଲର କର୍ମକର୍ତ୍ତା ଟ୍ରଫି ଗ୍ରହଣ କରୁଛନ୍ତି।

# ଗଡ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ

**ଡୁଙ୍ଗୁରିପାଲି, ୬।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଜାତୀୟ ରାଜପଥ ବସ୍‌ଷ୍ଟାଣ୍ଡ ରାସ୍ତାପାର୍ଶ୍ୱରେ ବୁଧବାର ଅପରାହ୍ନରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଅବସରରେ ଆଞ୍ଚଳିକ ପରିବହନ ପକ୍ଷରୁ ଏକ ସଡକ ସୁରକ୍ଷା ରଥ ପହଞ୍ଚିବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସଡକ ସୁରକ୍ଷା ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଟ୍ରାଫିକ ନିୟମ ଉପରେ ଲୋକଙ୍କୁ ସଚେତନ କରିବ ବୋଲି କହିଥିଲେ। ସଭାରେ ଜିଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଜୁନିୟର ଏମଭିଆଇ ଜନ ପ୍ରତାପ କୁଲୁ, ଟ୍ରାଫିକ ସବ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର, ଚିତ୍ତରଞ୍ଜନ ପଟନାୟକ, ସରିତା ଲାକ୍ରା, ଧରମା ବାଗ, ଅପରେଟର ଆନନ୍ଦ ମିଶ୍ର ଉପସ୍ଥିତ ଥିଲେ। ଲୋକଙ୍କୁ ସଚେତନ କରିବା ପାଇଁ ପଏଁରି କଳା ପରିଷଦ ଚୌଧୁରୀ ବିଭାରଙ୍କ ଅନୁଷ୍ଠାନ ପକ୍ଷରୁ ନାଚଗୀତ ମାଧ୍ୟମରେ ଦୁର୍ଘଟଣାରୁ କିପରି ଲୋକେ ରକ୍ଷା ପାଇ ପାରିବେ ତାହା ଉପରେ ସଭାରେ ଗାୟତ୍ରୀ ମଲ୍ଲିକ, ସତ୍ୟବତୀ ସୁନା, ରାଜା କଲେତ, ରାଘବ ସୁନା, ଜିତେନ ବାଗ ସଚେତନତା କାର୍ଯ୍ୟକ୍ରମ ପରିବେଶଣ କରିଥିଲେ।




ସଡକ ସୁରକ୍ଷା ନେଇ ନୃତ୍ୟଗୀତ ମାଧ୍ୟମରେ ସଚେତନତା କରାଯାଉଛି।

### ଚଲକି କପ ଫୁଟବଲ ଟୁର୍ନମେଣ୍ଟ: ନକଟାସର ସେମିରେ

**ଟିକ୍ରାପଡା, ୬।୨(ଡି.ଏନ.ଏ.)**

ମୁରିବାହାଲ ବ୍ଲକ ଚଲକି ଗ୍ରାମରେ ୨୪ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଥିଲା ଚତୁର୍ଥ ଦିବସ । ଚଲକି ଓ ନକଟାସର ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଚଲକି ଦଳକୁ ୨-୧ ଗୋଲରେ ହରାଇ ନକଟାସର ବିଜୟୀ ହୋଇଥିଲା। ଆଶିଷ ଦେବ ସା, ପାଣ୍ଡବ ବିଶି, ପ୍ରତାପ ଭୁଲ୍ଲା ଖେଳ ପରିଚାଳନା କରିଥିଲେ । ବରିଷ୍ଠ ବିଜେଡି ନେତା ଅଜୟ ଦାଶ ମୁଖ୍ୟ ଅତିଥି, କବିରାଜ ଭଞ୍ଜ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ମୁରିବାହାଲ ଓ ବଡମାଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

# ଡିଗ୍ରୀ କଲେଜର ନୂତନ ପରିଚାଳନା କମିଟି ଗଠନ ଦାବି

**ଦେଓଗାଁ, ୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ୮ ମାସ ହେଲା ପରିଚାଳନା କମିଟି ଭାଙ୍ଗି ଯାଇଛି। ନୂତନ ପରିଚାଳନା କମିଟି ଗଠନ କରାଯାଉ ନ ଥିବାରୁ କୌଣସି ଗଠନମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ପୂର୍ବ ନିର୍ଦ୍ଧାରିତ ଅନୁସାରେ ବୁଧବାର କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁନ୍ଦରମଣି ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସରକାରୀ ନିୟମାନୁସାରେ କିପରି ଶୀଘ୍ର ପରିଚାଳନା କମିଟି ଗଠନ ହୋଇପାରିବ ତାହା ଉପରେ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ବାରିକଙ୍କ ସହ ଆଲୋଚନା କରିଥିଲେ।

# ସହରର ବସ୍ତି ବାସିନ୍ଦାଙ୍କୁ ଘରଡିହ ପଟ୍ଟା ମିଳୁନି

**ସୋନପୁର,୬।୨(ନି.ପ୍ର.)**

ସହରାଞ୍ଚଳର ବସ୍ତି ବାସିନ୍ଦାଙ୍କୁ ଆଉ ଉଚ୍ଛେଦ କରାଯିବ ନାହିଁ। ସେମାନଙ୍କୁ ଜମିର ଅଧିକାର ମିଳିବ। ଏଭଳି ପ୍ରତିଶୃତି ଦେଇଥିଲେ ରାଜ୍ୟ ସରକାର। ଏଥିପାଇଁ ସର୍ଭେ ମଧ୍ୟ ହୋଇଥିଲା। ହେଲେ ସୁବର୍ଣ୍ଣପୁର ସହରରେ ଏ ପର୍ଯ୍ୟନ୍ତ ଜଣେ ବି ଭୂମିହୀନଙ୍କୁ ଘରଡିହ ପଟ୍ଟା ମିଳିନି। ଏଥିପାଇଁ ୧୦ନଂ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଜମିରେ ଘର କରି ରହି ଆସୁଥିବା ପରିବାର ଗୁଡିକ ପୂର୍ବରୁ ଅନେକ ଥର ଜିଲାପାଳ, ତହସିଲଦାର ଓ ମ୍ୟୁନିସିପାଲିଟି ଇଓଙ୍କୁ ସାକ୍ଷାତ କରି ବାସହୀନଙ୍କୁ ଘରଡିହ ଜମି ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିବାରୁ ଠାକୁରାଣୀପଡା ଓ ବୀର ସୁରେନ୍ଦ୍ର ସାଏ ପଡାରେ ରହୁଥିବା ୩୦୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ତେଣୁ ଆସନ୍ତା ୧୬ ତାରିଖରେ ଘରର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ବୁଧବାର ଚେତାବନୀ ଦେଇଛନ୍ତି। ୱାର୍ଡର ଜ୍ୟୋତିର୍ମୟୀ ରଥ, ମମତା ମିଶ୍ର, ଲିଲି ମେହେର, ମାମି ମେହେର, ଗୀତା ବାରିକ, ଝରଣା ମେହେର, ବାସନ୍ତୀ ମେହେର ଓ ରଞ୍ଜିତା ମେହେର ପ୍ରମୁଖ ମହିଳାମାନେ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ।



ସହରର ପଟାଭାଡି ଛକଠାରେ ଭୂମିହୀନ ପରିବାରର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ରାଜେନ୍ଦ୍ର ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

# ବିଶ୍ୱ ଇତିହାସରେ ବୁଦ୍ଧ ହିଁ ସମତାର ଉଦ୍‌ଘୋଷକ

**ବଲାଙ୍ଗୀର ଅଫିସ, ୬।୨**

ଗୌତମ ବୁଦ୍ଧ ହେଉଛନ୍ତି ଜ୍ଞାନ, କରୁଣା ଓ ସମତାର ଉଦ୍‌ଘୋଷକ । ମଣିଷ ସଭ୍ୟତା ଅନେକ ବିସମତା, ବିସଙ୍ଗତି, ବିଭେଦ, କୁସଂସ୍କାର, ଶୋଷଣ ଓ ବ୍ୟଭିଚାର ଦେଇ ଗତି କରିଛି । ବିଭିନ୍ନ ସମାଜରେ ବିଭିନ୍ନ ରକମର କୁସଂସ୍କାର ଓ ପ୍ରଥା ପରିଲକ୍ଷିତ ହୋଇଛି। ସମୟରେ ଧର୍ମ ନାଁରେ ଶୋଷଣ ଓ ଜାତିଭେଦ କଥା ଉଠିଛି। ତେବେ ମଣିଷ ସମାଜର ଏହି ଦୀର୍ଘ ଯାତ୍ରାରେ ବୁଦ୍ଧ ହିଁ ସର୍ବପ୍ରଥମେ ସାମାଜିକ ସମତା ଓ ଉତ୍ତରଣ କଥା ଉଠାଇ ମାନବୀୟ ସଭ୍ୟତାକୁ ଜ୍ଞାନର ନୂଆ ଆଲୋକ ଦେଖାଇଥିଲେ ବୋଲି ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି । ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବୁଦ୍ଧଧର୍ମ ଏବଂ ସାମାଜିକ ପରିବର୍ତ୍ତନ ଶୀର୍ଷକରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥିଭାବେ ରାଷ୍ଟ୍ରପତିଙ୍କ ପୂର୍ବତନ ଯୁଗ୍ମ ସଚିବ ଡ. ସତ୍ୟନାରାୟଣ ସାହୁ ଏବଂ ମୁଖ୍ୟବକ୍ତା ଖରିଆର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ ଫଣିନ୍ଦମ ଦେଓ ଯୋଗଦାନ କରିଥିଲେ। ରାଜେନ୍ଦ୍ର କଲେଜ ଇତିହାସ ବିଭାଗର ଡ. ସଙ୍ଗୀତାରାଣୀ ବେଦବାକ୍ ଓ ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ ମଞ୍ଚାସୀନ ଥିଲେ। ପ୍ରାଧ୍ୟାପକ ପାଣ୍ଡିଆ ଜ୍ଞାନର ପ୍ରସାର ଦିଗରେ ଜାତୀୟ ସେମିନାରର ଆବଶ୍ୟକତା ଓ ଆଲୋଚନଚକ୍ରର ବିଷୟ ଉପରେ କହିଥିଲେ । ମୁଖ୍ୟଅତିଥି ଡ ସାହୁ ବକ୍ତବ୍ୟ ରଖି ମାନବ ଇତିହାସରେ ସାମାଜିକ ସମାନତା ଓ ସମତା କଥା ବୁଦ୍ଧ ହିଁ କହିଥିବା ସୂଚନା ଦେଇଥିଲେ। ବୁଦ୍ଧଙ୍କ ଯୁଗାନ୍ତକାରୀ ଭୂମିକା ଉପରେ ସେ ବକ୍ତବ୍ୟ ରଖିଥିଲେ । ଧର୍ମ ନାଁରେ ଶୋଷଣ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସେ ସାମାଜିକ ବିଜ୍ଞାନର ଭିତ୍ତିଭୂମି ରଖିଥିଲେ ବୋଲି କହିଥିଲେ। ବୁଦ୍ଧଙ୍କ ଆଦର୍ଶ ଓ ବିଚାର କିଭଳି ମାନବ ସଭ୍ୟତା ଓ ଉତ୍ତରଣ ଦିଗରେ ଯୁଗାନ୍ତକାରୀ ସେଦିଗରେ ବିବେକାନନ୍ଦ, ଆଇନଷ୍ଟାଇନ, ରାଜାରାମ, ଡ ବିଆର ଆମ୍ବେଦକର ଓ ଅନ୍ୟ ମହାପୁରୁଷଙ୍କ ଟିପ୍ପଣୀ ଉଦ୍ଧୃତ କରିଥିଲେ । ଭାରତୀୟ ସମ୍ବିଧାନରେ ବୁଦ୍ଧଙ୍କ କରୁଣା ଓ ସମତା ପ୍ରତିଫଳିତ ହୋଇଛି ବୋଲି ସେ କହିଥିଲେ । ମୁଖ୍ୟ ଆଲୋଚକ ଡ. ଦେଓ ତାଙ୍କ ବକ୍ତବ୍ୟରେ ବୁଦ୍ଧଧର୍ମ ଓ ସାମାଜିକ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ଇତିହାସ ବିଭାଗ ପ୍ରଫେସର ତଥା ପୂର୍ବତନ ଅଧ୍ୟକ୍ଷ ଡ ଶିବପ୍ରସାଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ରକୁ ପ୍ରାଧ୍ୟାପକ ବିଘ୍ନେଶ ମିଶ୍ର ପାଠ କରିଥିଲେ। ଇଂଲିଶ ବିଭାଗ ପ୍ରାଧ୍ୟାପକ ପବିତ୍ର ମୋହନ ଦେବତା ବିଷୟ ବିଶ୍ଳେଷଣ କରିଥିଲେ। ଅତିଥିମାନେ ଇହିହାସ କଂଗ୍ରେସର ସ୍ମରଣିକା ଉନ୍ମୋଚନ କରିଥିଲେ । ଶେଷରେ ଡ ବେଦ୍‌ବାକ ଧନ୍ୟବାଦ ଦେଇଥିଲେ।




ରାଜେନ୍ଦ୍ର କଲେଜରେ ଅନୁଷ୍ଠିତ ଜାତୀୟ ସେମିନାରରେ ମଞ୍ଚାସୀନ ଅତିଥି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ



### ଟ୍ରାକ୍ଟର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା

**ଜୁନାଗଡ,୬।୨(ଡି.ଏନ.ଏ.)**-କଳାହାଣ୍ଡି ଜିଲା ଜୁନାଗଡ-ଭବାନୀପାଟଣା ୨୬ ନଂ. ଜାତୀୟ ରାଜପଥ ମଧ୍ୟରେ ଥିବା ଜାରିଙ୍ଗ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଟ୍ରାକ୍ଟର ଓ ଟ୍ରକ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୨ଜଣ ଶ୍ରମିକ ଆହତ ହୋଇଥିବା ଜଣାପଡିଛି। ଆହତ ଅବସ୍ଥାରେ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ସେମାନେ ଚିକିତ୍ସା ହୋଇ ଘରକୁ ଫେରିଥିବା ଜଣାପଡିଛି। ଆହାତ ହୋଇଥିବା ବ୍ୟକ୍ତିଙ୍କ ପରିଚୟ ଜଣାପଡି ନ ଥିବାବେଳେ ଟ୍ରକ ଓ ଟ୍ରାକ୍ଟର ନମ୍ବର ଜଣାପଡିଛି। ଟ୍ରକର (ନଂ.ଓଆର୧୫-୦୮୨୮) ଓ ଟ୍ରାକ୍ଟର (ନଂ.ଓଡି୦୮ଏଚ୍-୦୨୮୬) ।

### କୃମି ଔଷଧ ପାଇଁ ତାଲିମ

**ପଡିଆବାହାଲ, ୬।୨ (ଡି.ଏନ.ଏ)**- ଜନ୍ମରୁ ୧୯ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ପିଲାଙ୍କୁ କୃମି ନାଶକ ଔଷଧ ଖୁଆଇ କୃମି ଜନିତ ରୋଗମୁକ୍ତ କରାଯିବା ଏହି ଲକ୍ଷ୍ୟ ରଖି ଯୁଯୁମୁରା ସିଏଚସି ପକ୍ଷରୁ ଫୁଲଝରଣସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ କୃମି ନାଶକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଡା. ରଞ୍ଜନ କୁଜୁର, ଅଗସ୍ତିଚରଣ ଗଡତିଆ, କୁଳଧର ପଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଆଲୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଧାନ ଶିକ୍ଷକଙ୍କ ବଦଳି, ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବି ଘଟଣା

# ୯ ଦିନ ପରେ ସ୍କୁଲ ସ୍ୱାଭାବିକ ହେଲା

**ସେରଗଡ଼, ୬।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ କନକପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଜାନୁୟାରୀ ୨୮ ତରିଖରୁ ପ୍ରଧାନଶିକ୍ଷକଙ୍କ ବଦଳି ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ନିଜ ପୁଅଝିଅକୁ ସ୍କୁଲକୁ ପଠାଉ ନ ଥିଲେ । ଅଭିଭାବକ ଓ ଗ୍ରାମବାସୀଙ୍କ ଦାବି ମୁତାବକ ପ୍ରଧାନଶିକ୍ଷକ ଦୟାନିଧି ରଣାଙ୍କ ସମେତ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ନୂତନ ଦୁଇଜଣ ଶିକ୍ଷକଙ୍କ ନିଯୁକ୍ତ କରାଯାଇଛି । ଫଳରେ ଦୀର୍ଘ ୯ ଦିନ ପରେ ବୁଧବାର ସ୍କୁଲର ତାଲା ଖୋଲାଯିବା ସହ ପିଲାଙ୍କୁ ସ୍କୁଲକୁ ଛାଡିବା ପରେ ସ୍କୁଲରେ ଶିକ୍ଷାଦାନ ସ୍ୱାଭାବିକ ଚାଲିଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୨୮ ତରିଖରୁ ପ୍ରଧାନଶିକ୍ଷକଙ୍କ ବଦଳି ଓ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦାବିରେ ଗତ ୮ ଦିନ ହେବ ସ୍କୁଲରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିଲା । କିନ୍ତୁ ଶିକ୍ଷା ବିଭାଗ ତଥା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗତ ଦୁଇଦିନ ହେଲା ଅଭିଭାବକମାନେ ସ୍କୁଲରେ ତାଲା ବନ୍ଦ କରିଥିଲେ । ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୩ ଛାତ୍ରଛାତ୍ରୀ ପାଠ ପଢୁଥିବା ଥିବା ବେଳେ ଜଣେ ବିଜ୍ଞାନ ଶିକ୍ଷକଙ୍କ ଆବଶ୍ୟକ ରହିଛି । କିନ୍ତୁ ଏ ପର୍ଯ୍ୟନ୍ତ ବିଜ୍ଞାନ ଶିକ୍ଷକ ନିଯୁକ୍ତି କରାଯାଇନାହିଁ । ଏ ସମ୍ପର୍କରେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପଚାରିବାରୁ ଯଥାଶୀଘ୍ର ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ କରିଥିଲେ । ଶିକ୍ଷା ବିଭାଗ ପକ୍ଷରୁ ଆମ ସ୍କୁଲକୁ ଅଳ୍ପ ଦିନ ମଧ୍ୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରତିଶ୍ରୁତି ପୂରୁଣ ହେଲେ ଆଗାମୀ ଦିନରେ ପୂନର୍ବାର ସ୍କୁଲରେ ତାଲା ପକାଯିବ ବୋଲି ସ୍କୁଲ ଶିକ୍ଷା କମିଟି ସଭାପତି ବନିତା ମାଝି, ସନାତନ ସାହୁ, ତରୁଣ ସୁନା, ଫଗୁନୁ ମାଝି, ପୁଷ୍ପାଞ୍ଜଳୀ ସୁନା, ନୃପତି ମାଝି, ସତ୍ୟବାଦୀ ମାଝି ପ୍ରମୁଖ ପ୍ରକାଶ କରିଛନ୍ତି ।

**କନକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**



୯ ଦିନ ପରେ ବୁଧବାର କନକପୁର ସ୍କୁଲ ଖୋଲିବା ପରର ଦୃଶ୍ୟ ।

# ସୋସିଆଲ ମିଡିଆରେ ଛାତ୍ରୀଙ୍କ ଫଟୋ ଭାଇରାଲ ଘଟଣା: ଯୁବକ ଗିରଫ

**ଭବାନୀପାଟଣା,୬।୨ (ଡି.ଏନ.ଏ.)**

ଭବାନୀପାଟଣା ସହରର ଏକ କଲେଜ ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରି ଚିଚୈଗୁଡାର ଜଣେ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସହରର ଏକ କଲେଜ ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ପରିବାର ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଜୁନାଗଡ ଥାନା ଅନ୍ତର୍ଗତ ଚିଚୈଗୁଡା ଗ୍ରାମର ଦୁଷ୍ମନ୍ତ ମେହେରଙ୍କୁ ମଙ୍ଗଳବାର ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

# ପିଇଓଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ମାମଲା**

**ଭବାନୀପାଟଣା,୬।୨ (ଡି.ଏନ.ଏ.)**

ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅଧୀନସ୍ଥ ବଣିଜରା ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ପଦ୍ମମୁଖ ଶବର। ବୁଧବାର ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ମିଶ୍ର ପିଇଓ ଶବରଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଶସ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ମାମଲାରୁ ଜଣାପଡ଼ିଛି ଯେ, ଶବରଙ୍କ ବିରୋଧରେ ୪ ଲକ୍ଷ ୩୯ ହଜାର ୮୩୪ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ତରଫରୁ ତତ୍କାଳିନ ଡିଏସ୍‌ପି ବିରେନ୍ଦ୍ର କୁମାର ନାୟକ ମାମଲାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ବୁଲିଲା କାଳିଆ ରଥ

**ପଡିଆବାହାଲ, ୬।୨ (ଡି.ଏନ.ଏ)**

ଯୁଯୁମୁରା ବ୍ଲକ ପରିସରରେ ବିଡିଓ ନିଳାମ୍ବର ମହାନନ୍ଦ କାଳିଆ ଯୋଜନା ସଚେତନ ରଥକୁ ଶୁଭାରମ୍ଭ କରିଛନ୍ତି । ବ୍ୟୋମକେଶ ମିଶ୍ର, ନବୀନ ପ୍ରଧାନ, ଅରୁଣ ମେହେର, ବିକାଶ ପଧାନ, ଓମପ୍ରକାଶ ବିଶ୍ୱାଳ ଏବଂ ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା ରଥ ବ୍ଲକର ପ୍ରତିଟି ପଞ୍ଚାୟତର ସର୍ବ ନିମ୍ନ ୩ଟି ସ୍ଥାନରେଜନ ସଚେତନା ସୃଷ୍ଟି କରିବ। ତେବେ ଯୁଯୁମୁରା, ଡଙ୍ଗାପାଲି ଓ କୁଟୁବେରନି ଗାଁରେ ରଥ ପହଞ୍ଚିବା ପରେ ପାଲାକଳାକାର ମହେନ୍ଦ୍ର ନାଏକ ପାଲା ମାଧ୍ୟମରେ କାଳିଆ ଯୋଜନାକୁ ନେଇ ସଚେତନ କରିଥିଲେ ।

କାଳିଆ ଯୋଜନା

# ୧ ଲକ୍ଷ ୬୨ ହଜାର ଚାଷୀ ଉପକୃତ ହେବେ

**ଭବାନୀପାଟଣା,୬।୨(ଡି.ଏନ.ଏ.)**

କାଳିଆ ଯୋଜନାକୁ ଜିଲାରେ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ କୁମାର ଷଡଙ୍ଗୀ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଜିଲାର ସମସ୍ତ ତହସିଲଦାର, ବିଡିଓ, କୃଷି ଅଧିକାରୀ, ସମବାୟ, ଉଦ୍ୟାନ କୃଷି, ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଯୋଜନାରେ ଜିଲାର ୧ ଲକ୍ଷ ୬୨ ହଜାର କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ସାମିଲ କରାଯାଇଛି। ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲାପାଳ ସମସ୍ତ ଜିଲାସ୍ତରୀୟ ଅଧିକାରୀ ତଥା କ୍ଷେତ୍ରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାନୁୟାରୀ ୨ ରୁ ୧୦ ଯାଏ ପ୍ରତ୍ୟେକ ପଞ୍ଚାୟତରେ ନାଲି ଏବଂ ସବୁଜ ଫର୍ମ ଉପଲବ୍ଧ ରହିଥିଲା। ସବୁଜ ଫର୍ମରେ ଆବେଦନ କରିଥିବା ହିତାଧିକାରୀମାନଙ୍କୁ ୨ୟ ପର୍ଯ୍ୟାୟରେ କାଳିଆ ଯୋଜନାରେ ସାମିଲ କରାଯିବ। ପ୍ରଥମ ପର୍ଯ୍ୟାୟର କାଳିଆ ଯୋଜନାରେ ସାମିଲ ଯୋଗ୍ୟ କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କ ତାଲିକା ଜାନୁୟାରୀ ୧୫ ତାରିଖ ସୁଦ୍ଧା ପ୍ରକାଶ ପାଇଥିଲା।





ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

# ୩୦ତମ ସଡ଼କ ସୁରକ୍ଷା ସପ୍ତାହ-୨୦୧୯

**କେସିଙ୍ଗା,୬।୨ (ଡି.ଏନ.ଏ.)**

କେସିଙ୍ଗା ବିଦ୍ୟାପୀଠରେ ୩୦ତମ ସଡକ ସୁରକ୍ଷା ସପ୍ତାହ-୨୦୧୯ ବୁଧବାର କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠିଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି ।

ଏହି ଉପଲକ୍ଷେ ଛାତ୍ରୀଛାତ୍ର ତଥା ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ସହଯୋଗରେ ବିଦ୍ୟାପୀଠଠାରୁ ବଲାଙ୍ଗୀର ଛକ ପର୍ଯ୍ୟନ୍ତ ସହରରେ ଶୋଭାଯାତ୍ରା କରାଯାଇଥିଲା । ଛାତ୍ରୀଛାତ୍ର, ଏନସିସି ଓ ପର୍ବତାରୋହୀ ଯୋଗବ୍ୟାସ ଭୋଇଙ୍କ ଦ୍ୱାରା ସଡକ ସୁରକ୍ଷା ପାଇଁ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ସହର ପରିକ୍ରମା ପରେ ବିଦ୍ୟାପୀଠର ସଭା ଗୃହରେ ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି, ଡେପୁଟି କମିଶନର ସାଉଦ ଜୋନର ବସନ୍ତ କୁମାର ବେହେରା, ପର୍ବତାରୋହୀ ଯୋଗବ୍ୟାସ ଭୋଇ ପ୍ରମୁଖ ବ୍ୟକ୍ତିଙ୍କ ଦ୍ୱାରା ଏକ ସଭା କରାଯାଇଥିଲା । ହେଲମେଟ, ସିଟବେଲ୍ଟ ବ୍ୟବହାର କରିବା ସହିତ ମାଦକ ଦ୍ରବ୍ୟ ସେବନ ନିଶେଧ, ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାନ ନ କରିବା, ସୁରକ୍ଷା ସଙ୍କେତ ମାନିବା, ବେପୁରିଆ ଭାବରେ ଗାଡି ନ ଚଳାଇବା, ମାତ୍ରାଧିକ ଦ୍ରବ୍ୟ ପରିବହନ ନ କରିବା ପ୍ରଭୃତି ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ଉଦବୋଧନ ଦେଇଥିଲେ । ଏତତ୍‌ବ୍ୟତିତ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ନିକଟସ୍ଥ ହସ୍ପିଟାଲକୁ ତୁରନ୍ତ ଚିକିତ୍ସା ପାଇଁ ନେଇଥିବା ବ୍ୟକ୍ତିଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଠି ପ୍ରକାଶ କରିଥିଲେ ।

ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଜୟ ଶନିଦେବ ଜୁନାଗଡ଼ ଚାମ୍ପିୟନ

**ଜୁନାଗଡ,୬।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲାରେ ସୋମବାରଠାରୁ ଚାଲିଥିବା ଭଲିବଲ ଟୁର୍ନାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜୟ ଶନିଦେବ ଜୁନାଗଡ ଓ ନୂଆଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟ ଶନିଦେବ ଜୁନାଗଡ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଖେଳକୁ ମନୋରଞ୍ଜନ ସିଂହ, ସୁଜିତ କୁମାର ବେହେରା, ଅଜାମ୍ବର ବଣିଆ, ସିରାଜ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ମହିଚଲା ବୁଢାରଜା ଭଲିବଲ କମିଟି ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ସାମାଜିକ କର୍ମୀ ଦୁର୍ଗାପ୍ରସାଦ ନାଏକ ଓ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ୨ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ୨୫ଟି ଦଳ ଭାଗ ନେଇଥିଲେ। ଏହି ଟୁର୍ନାମେଣ୍ଟରେ ସଞ୍ଜୀବ ବଣିଆ, ଅନାମ ମାଝି, ଚିତ୍ତ ରଞ୍ଜନ ବେହେରା, ମଧୁସୁଦନ ମାଝି ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ଜୁନାଗଡ,୬।୨ (ଡି.ଏନ.ଏ.)**

ଓଡିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ) କର୍ମଚାରୀ ସଂଘ ପକ୍ଷରୁ ୪ ଦଫା ଦାବି ନେଇ ମଙ୍ଗଳବାରଠାରୁ କଳାବ୍ୟାଜ ପରିଧାନ ଚାଲିଛି। ଏହି କ୍ରମରେ ଜୁନାଗଡ ବ୍ଲକରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏଠାରେ ମଧ ମଙ୍ଗଳବାରଠାରୁ ଗ୍ରାମ୍ୟ କୃଷି କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ଧାରଣାରେ ସାମିଲ ହୋଇଛନ୍ତି। ଜୁନାଗଡ ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ସଭାପତି ସିମରଞ୍ଜିତ ପଟ୍ଟଯୋଷୀଙ୍କ ନେତୃତ୍ୱରେ ବିବେକ ରାଉତ, ସୁବାସ ମେହେର, ହେମନ୍ତ ରାଉତ, ସ୍ୱସ୍ତିକା ମଞ୍ଜରୀ ରାଉତ, ସଂଯୁକ୍ତା ମେହେର, ଜୌତି ସୁନାନୀ, ଚାନ୍ଦଲାଲ ନାଏକ, ବଜେନ୍ଦ୍ର ପାତ୍ର, ଦେବରାଜ ଦୁର୍ଗା, କୈଳାସ ହରିଜନ, ଅଭିମନ୍ୟୁ ସାହୁ, ରବି ସତନାମି, ବିରଞ୍ଚି ମାଝି, ହିମାଂଶୁ ରେହନା, ପବିତ୍ର ବିଷି ପ୍ରମୁଖ ଉପସ୍ଥିତ ରହି ସାମୁହିକ କଳାବ୍ୟାଜ ପରିଧାନ କରି ଧାରଣାରେ ସାମିଲ ହୋଇଛନ୍ତି। ସଂଘ ପକ୍ଷରୁ ମଙ୍ଗଳବାରଠାରୁ ୭ଦିନ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି ସରକାରୀ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆସନ୍ତା ୧୨ ତାରିଖଠାରୁ ସମସ୍ତ କର୍ମଚାରୀ ସାମୂହିକ ଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ ଜଣାପଡିଛି। ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପଦବୀର ନାମ ପରିବର୍ତ୍ତନ କରି ପଞ୍ଚାୟତ କୃଷି ଅଧିକାରୀ କରିବା ଓ ଗ୍ରାମ୍ୟ କୃଷିକର୍ମଚାରୀମାନଙ୍କ ଓ କୃଷି ଅଧିଦର୍ଶକମାନଙ୍କ କ୍ୟାଡର ପର୍ନଗଠନ କରିବା ପ୍ରମୁଖ ଦାବି ରହିଛି।

**୪ ଦଫା ଦାବି**

■ ୧୨ରୁ ସମସ୍ତ କର୍ମଚାରୀ ସାମୂହିକ ଛୁଟିରେ ଯିବେ

**କୋକସରା, (ଡି.ଏନ.ଏ.):** ବୁଧବାର କଳାହାଣ୍ଡି ଜିଲା କୋକସରା ବ୍ଲକ୍‌ରେ ମଧ୍ୟ ବିଭିନ୍ନ ଦାବି ନେଇ ଭିଏଡବ୍ଲ୍ୟୁମାନେ କଳାବ୍ୟାଜ୍ ପରିଧାନ କରି ଧାରଣାରେ ସାମିଲ ହୋଇଛନ୍ତି । ଏହି ଅବସରରେ କୋକସରା ଭିଏଡବ୍ଲ୍ୟୁ ସଂଘ ସଭାପତି ଅଭିନାଶ ଠାକୁରଙ୍କ ନେତୃତ୍ୱରେ ସମ୍ପାଦକ ରଞ୍ଜିତ ହଂସ, କୋଷାଧକ୍ଷ ନିବେଦିତା ଖାନସମା, ସଭ୍ୟ ଟିକଚନ୍ଦ ଦଳପତି, ଉପେନ୍ଦ୍ର ଜାଲ, ବିଶ୍ୱରଞ୍ଜନ ବୋଡ଼କିଆ, ଧନିରାମ ମାଝି, ଅନୁସୟା ସିଂ ପ୍ରମୁଖ ସାମୂହିକ କଳାବ୍ୟାଜ୍ ପରିଧାନ କରି ଧାରଣାରେ ସାମିଲ ହୋଇଥିଲେ । ସଂଘ ପକ୍ଷରୁ ବୁଧବାରଠାରୁ କଳାବ୍ୟାଜ୍ ପରିଧାନ କରି ସରକାରୀ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହେଇଥିବା ବେଳେ ଆସନ୍ତା ୧୨ ତାରିଖଠାରୁ ସମସ୍ତ ସଦସ୍ୟମାନେ ସାମୂହିକ ଛୁଟିରେ ଯିବେ ବୋଲି ବ୍ଲକ୍ ସଂଘ ସଭାପତି ଅଭିନାଶ ଠାକୁର ପ୍ରକାଶ କରିଛନ୍ତି ।

**ନର୍ଲା, (ଡି.ଏନ.ଏ.):** ସେହିପରି ନର୍ଲା ବ୍ଲକ୍ ଗ୍ରାମ୍ୟ କୃଷି କର୍ମଚାରୀମାନେ ମଧ କଳାବ୍ୟାଜ୍ ପରିଧାନ କରି ଧାରଣାରେ ସାମିଲ ହୋଇଛନ୍ତି । ବୁଧବାର ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛୁ। ଆଉ ଆସନ୍ତା ୧୩ ତାରିଖରୁ ସାରା ଜିଲାର ଗ୍ରାମ୍ୟ କୃଷି କର୍ମଚରରୀମାନେ ଛୁଟିରେ ରହିବୁ ବୋଲି ନର୍ଲା ବ୍ଲକ୍ ଗ୍ରାମ୍ୟ କୃଷି କର୍ମଚାରୀମାନେ ମତବ୍ୟକ୍ତ କରିଛନ୍ତି ।





ଜୁନାଡ଼ଠାରେ କଳାବ୍ୟାଜ ପିନ୍ଧି ଧାରଣାରେ ସାମିଲ ହୋଇଛନ୍ତି ଗ୍ରାମ୍ୟ କୃଷି କର୍ମଚାରୀ ।



କୋକସରାଠାରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ ପରିଧାନ।

ମହିଳା, ଶିଶୁ ଦାଦନ ଅଟକ ଘଟଣା

# ଜିଲାପାଳଙ୍କୁ ରିପୋର୍ଟ ତଲବ କଲେ ଏନ୍‌ଏଚ୍‌ଆର୍‌ସି

**ଭବାନୀପାଟଣା,୬।୨(ଡି.ଏନ.ଏ.)**

ତେଲେଙ୍ଗାନା ରାଜ୍ୟ ସିକନ୍ଦରାବାଦ ଜିଲାର ଦଣ୍ଡେଇକେଲ ଇଟା ଭାଟିରେ ଅଟକ ଥିବା କଳାହାଣ୍ଡି ଜିଲା କଲମପୁର ବ୍ଲକ ଇଛାପୁର ଗାଁର ମହିଳା ଓ ଶିଶୁ ଦାଦନ ଶ୍ରମିକଙ୍କ ସମ୍ବନ୍ଧରେ ଜାତୀୟ ମାନବାଧିକାର କମିଶନ ସିକନ୍ଦରାବାଦ ଓ କଳାହାଣ୍ଡି ଜିଲାପାଳଙ୍କୁ ନୋଟିସ ଜାରି କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କଲମପୁର ବ୍ଲକ ଅନ୍ତର୍ଗତ ଇଛାପୁର ଗାଁର ଅରୁଣ ପାତ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀ ପାତ୍ର, ନାବାଳିକା ଝିଅ ଶୁଭ ପାତ୍ରଙ୍କ ସମେତ ୭ ଜଣ ଶ୍ରମିକ ଅକ୍ଟୋବର ୨୦୧୮ଠାରୁ ସିକନ୍ଦରାବାଦ ଜିଲାରେ ଦଣ୍ଡେଇକେଲ ଇଟାଭାଟିରେ ଅଟକ ଥାଇ ଅକଥନୀୟ ଅତ୍ୟାଚାରର ଶୀକାର ହୋଇ ଆସୁଛନ୍ତି । ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ଓ ୨ ଶିଶୁ ନିର୍ଯାତନା ଭୋଗୁଥିବା ଖବର ସାମ୍ନାକୁ ଆସିଛି । ଏହି ଶ୍ରମିକମାନେ ଦାଦନ ଦଲାଲ ଅଭି ସର୍ଦ୍ଦାର ଜରିଆରେ ସିକନ୍ଦରାବାଦ ଜିଲା ଦଣ୍ଡେଇକେଲ ଇଟାଭାଟିକୁ ଇଟା ଗଢିବାକୁ ଯାଇ ନିର୍ଯାତନାର ଶିକାର ହୋଇଛନ୍ତି । ଅରୁଣ ପାତ୍ର କୌଶଳକ୍ରମେ ଖସିଆସି ଉକ୍ତ ଖବର ଗାଁରେ ଜଣାଇବା ପରେ ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ । କମିଶନ ଏହାକୁ କେସ୍ ନଂ- ୮୬/୩୬/୨/୨୦୧୯-ବି.ଏଲ୍. ଭାବରେ ପଞ୍ଜୀକରଣ କରି ବିଚାର କରୁଛନ୍ତି । ଗତ ୨୮ ଜାନୁୟାରୀ ୨୦୧୯ରେ କମିଶନ ଏହି ମାମଲାର ଶୁଣାଣି କରି ସିକନ୍ଦରାବାଦ ଜିଲାପାଳଙ୍କ ସମେତ କଳାହାଣ୍ଡି ଜିଲାପାଳଙ୍କୁ ନୋଟିସ କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି ।



ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍

## ସଂକ୍ଷେପରେ

### ଚଲକି କପ ଫୁଟବଲ ଟୁର୍ଣ୍ଣାମେଣ୍ଟ: ନକଟାସର ସେମିରେ

**ଟିକ୍ରାପଡା, ୬।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଲକି ଗ୍ରାମରେ ୨୪ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଥିଲା ଚତୁର୍ଥ ଦିବସ । ଚଲକି ଓ ନକଟାସର ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଚଲକି ଦଳକୁ ୨-୧ ଗୋଲରେ ହରାଇ ନକଟାସର ବିଜୟୀ ହୋଇଥିଲା। ଆଶିଷ ଦେବ ସା, ପାଣ୍ଡବ ବିଶି, ପ୍ରତାପ ଭୁକ୍ତା ଖେଳ ପରିଚାଳନା କରିଥିଲେ । ବରିଷ୍ଠ ବିଜେଡି ନେତା ଅଜୟ ଦାଶ ମୁଖ୍ୟ ଅତିଥି, କବିରାଜ ଭଞ୍ଜ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ମୁରିବାହାଲ ଓ ବଡମାଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

### କେଓମାଲ ହାଇସ୍କୁଲର ମୋ ସ୍କୁଲ ଅଭିଯାନ

**ଟିକ୍ରାପଡା, ୬।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧିନ କେଓମାଲସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ ସଭାରେ ଅଧକ୍ଷତା କରିଥିଲେ। ସତ୍ୟନାରାୟଣ ରାଜପଲିଆ ସଭା ସଂଯୋଜନା କରିଥିଲେ । ସ୍କୁଲ ପରିଚାଳନା କମିଟି ସଦସ୍ୟ ବିରଞ୍ଚି ଭାଟି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଶିକ୍ଷକ ରାଜେନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ରିକେଟ, କବାଡି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ମୁକେଶ ଭୋଇ, ଟୁନା ଭୋଇ, ସତ୍ୟ କୁମୁରା, ଜିହୁଦା ନନ୍ଦ, ପଙ୍କଜିନି ସୁନାନି, ସୌଦମିନୀ ପ୍ରଧାନି, ରଜନି ତାଣ୍ଡି, ପୂର୍ଣ୍ଣିମା ଭୋଇ, ବିକାଶ ଭୋଇ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ । ସଞ୍ଜୀବ କୁମାର ସାହୁ, ବାଣୀପଦ ବେହେରା, ନରସିଂହ ସ୍ୱାମୀ ନାଇଡୁ ପ୍ରମୁଖ ସିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଡିଗ୍ରୀ କଲେଜର ନୂତନ ପରିଚାଳନା କମିଟି ଗଠନ ଦାବି

**ଦେଓଗାଁ, ୬।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ୮ ମାସ ହେଲା ପରିଚାଳନା କମିଟି ଭାଙ୍ଗି ଯାଇଛି। ନୂତନ ପରିଚାଳନା କମିଟି ଗଠନ କରାଯାଉ ନ ଥିବାରୁ କୌଣସି ଗଠନମୂଳକ କାର୍ଯ୍ୟ ହୋଇପାରୁ ନାହିଁ । ଏ ସଂକ୍ରାନ୍ତରେ ପୂର୍ବ ନିର୍ଦ୍ଧାରିତ ଅନୁସାରେ ବୁଧବାର କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁନ୍ଦରମଣି ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସରକାରୀ ନିୟମାନୁସାରେ କିପରି ଶୀଘ୍ର ପରିଚାଳନା କମିଟି ଗଠନ ହୋଇପାରିବ ତାହା ଉପରେ ଅଧକ୍ଷ ସୁରେଶ ଚନ୍ଦ୍ର ବାରିକଙ୍କ ସହ ଆଲୋଚନା କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବିକରିବା ସହ କଲେଜର ସାମଗ୍ରିକ ବିକାଶ ହୋଇପାରୁ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ଅବସରରେ ଜରାସିଂହାର ଅଭିଭାବକ ତଥା ଗ୍ରାମ୍ୟ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ରାଜେନ୍ଦ୍ର ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

# ବିଶ୍ୱ ଇତିହାସରେ ବୁଦ୍ଧ ହିଁ ସମତାର ଉଦ୍‌ଘୋଷକ

**ବଲାଙ୍ଗୀର ଅଫିସ, ୬।୨**

ଗୌତମ ବୁଦ୍ଧ ହେଉଛନ୍ତି ଜ୍ଞାନ, କରୁଣା ଓ ସମତାର ଉଦ୍‌ଘୋଷକ । ମଣିଷ ସଭ୍ୟତା ଅନେକ ବିସମତା, ବିସଙ୍ଗତି, ବିଭେଦ, କୁସଂସ୍କାର, ଶୋଷଣ ଓ ବ୍ୟଭିଚାର ଦେଇ ଗତି କରିଛି । ବିଭିନ୍ନ ସମାଜରେ ବିଭିନ୍ନ ରକମର କୁସଂସ୍କାର ଓ ପ୍ରଥା ପରିଲକ୍ଷିତ ହୋଇଛି । ସମୟରେ ଧର୍ମ ନାଁରେ ଶୋଷଣ ଓ ଜାତିଭେଦ କଥା ଉଠିଛି । ତେବେ ମଣିଷ ସମାଜର ଏହି ଦୀର୍ଘ ଯାତ୍ରାରେ ବୁଦ୍ଧ ହିଁ ସର୍ବପ୍ରଥମେ ସାମାଜିକ ସମତା ଓ ଉତ୍ତରଣ କଥା ଉଠାଇ ମାନବୀୟ ସଭ୍ୟତାକୁ ଜ୍ଞାନର ନୂଆ ଆଲୋକ ଦେଖାଇଥିଲେ ବୋଲି ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି । ମହାବିଦ୍ୟାଳୟ ଅଧକ୍ଷ ବିନୟ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବୁଦ୍ଧଧର୍ମ ଏବଂ ସାମାଜିକ ପରିବର୍ତ୍ତନ ଶୀର୍ଷକରେ ଆଲୋଚନା କରାଯାଇଥିଲା । ମୁଖ୍ୟଅତିଥିଭାବେ ରାଷ୍ଟ୍ରପତିଙ୍କ ପୂର୍ବତନ ଯୁଗ୍ମ ସଚିବ ଡ. ସତ୍ୟନାରାୟଣ ସାହୁ ଏବଂ ମୁଖ୍ୟବକ୍ତା ଖରିଆର କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ଡ ଫଣିନ୍ଦମ ଦେଓ ଯୋଗଦାନ କରିଥିଲେ। ରାଜେନ୍ଦ୍ର କଲେଜ ଇତିହାସ ବିଭାଗର ଡ. ସଙ୍ଗୀତାରାଣୀ ବେଦବାକ୍ ଓ ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ ମଞ୍ଚାସୀନ ଥିଲେ । ପ୍ରାଧ୍ୟାପକ ପାଣ୍ଡିଆ ଜ୍ଞାନର ପ୍ରସାର ଦିଗରେ ଜାତୀୟ ସେମିନାରର ଆବଶ୍ୟକତା ଓ ଆଲୋଚନଚକ୍ରର ବିଷୟ ଉପରେ କହିଥିଲେ । ମୁଖ୍ୟଅତିଥି ଡ ସାହୁ ବକ୍ତବ୍ୟ ରଖି ମାନବ ଇତିହାସରେ ସାମାଜିକ ସମାନତା ଓ ସମତା କଥା ବୁଦ୍ଧ ହିଁ କହିଥିବା ସୂଚନା ଦେଇଥିଲେ। ବୁଦ୍ଧଙ୍କ ଯୁଗାନ୍ତକାରୀ ଭୂମିକା ଉପରେ ସେ ବକ୍ତବ୍ୟ ରଖିଥିଲେ । ଧର୍ମ ନାଁରେ ଶୋଷଣ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସେ ସାମାଜିକ ବିଜ୍ଞାନର ଭିତ୍ତିଭୂମି ରଖିଥିଲେ ବୋଲି କହିଥିଲେ। ବୁଦ୍ଧଙ୍କ ଆଦର୍ଶ ଓ ବିଚାର କିଭଳି ମାନବ ସଭ୍ୟତା ଓ ଉତ୍ତରଣ ଦିଗରେ ଯୁଗାନ୍ତକାରୀ ସେଦିଗରେ ବିବେକାନନ୍ଦ, ଆଇନଷ୍ଟାଇନ, ରାଜାରାମ, ଡ ବିଆର ଆମ୍ବେଦକର ଓ ଅନ୍ୟ ମହାପୁରୁଷଙ୍କ ଟିପ୍ପଣୀ ଉଦ୍ଧୃତ କରିଥିଲେ । ଭାରତୀୟ ସମ୍ବିଧାନରେ ବୁଦ୍ଧଙ୍କ କରୁଣା ଓ ସମତା ପ୍ରତିଫଳିତ ହୋଇଛି ବୋଲି ସେ କହିଥିଲେ । ମୁଖ୍ୟ ଆଲୋଚକ ଡ. ଦେଓ ତାଙ୍କ ବକ୍ତବ୍ୟରେ ବୁଦ୍ଧଧର୍ମ ଓ ସାମାଜିକ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ଇତିହାସ ବିଭାଗ ପ୍ରଫେସର ତଥା ପୂର୍ବତନ ଅଧକ୍ଷ ଡ ଶିବପ୍ରସାଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ରକୁ ପ୍ରାଧ୍ୟାପକ ବିଘ୍ନେଶ ମିଶ୍ର ପାଠ କରିଥିଲେ। ଇଂଲିଶ ବିଭାଗ ପ୍ରାଧ୍ୟାପକ ପବିତ୍ର ମୋହନ ଦେବତା ବିଷୟ ବିଶ୍ଲେଷଣ କରିଥିଲେ । ଅତିଥିମାନେ ଇହିହାସ କଂଗ୍ରେସର ସ୍ମରଣିକା ଉନ୍ମୋଚନ କରିଥିଲେ । ଶେଷରେ ଡ ବେଦ୍‌ବାକ ଧନ୍ୟବାଦ ଦେଇଥିଲେ ।



ରାଜେନ୍ଦ୍ର କଲେଜରେ ଅନୁଷ୍ଠିତ ଜାତୀୟ ସେମିନାରରେ ମଞ୍ଚାସୀନ ଅତିଥି ।


ନାରାୟଣ ସାଗରର ଉନ୍ନତୀକରଣ ପାଇଁ ବନ୍ଧ କଟାଯାଇ ପାଣି ଛଡା ଯାଉଛି ।

# ନାରାୟଣ ସାଗର ଉନ୍ନତୀକରଣ ପାଇଁ ପାଣି କଟାଗଲା

**ଲୋଇସିଂହା, ୬।୨(ଡି.ଏନ.ଏ.)**

ଲୋଇସିଂହା ନାରାୟଣସାଗର ଉନ୍ନତୀକରଣ ସକାଶେ ପ୍ରକ୍ରିୟା ଆରମ୍ଭ ହୋଇଛି । ବୁଧବାର ଯୁବ ବିଜେଡି ସମ୍ପାଦକ ନିହାର ରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ ଏଥିପାଇଁ ପୂଜାର୍ଚ୍ଚନା କରିଥିଲେ। ପରେ ହିଡ କାଟି ତଳମୁଣ୍ଡକୁ ପାଣି ଛଡା ଯାଇଥିଲା। ଏହି ଅବସରରେ କାମ ପାଇଥିବା ଠିକାଦାରଙ୍କ ସମେତ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ପ୍ରକାଶ ଯେ,୧୨୦ ଏକର ବିଶିଷ୍ଟ ନାରାୟଣ ସାଗର ରକ୍ଷଣାବେକ୍ଷଣ ଅଭାବରୁ ପଙ୍କରେ ପୋତି ହୋଇଯାଇଥିଲା। ପୋତି ହେବା ଦ୍ୱାରା ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଥିଲା । ଗ୍ରୀଷ୍ମ ଦିନରେ ଲୋଇସିଂହାବାସୀ ଦୈନନ୍ଦିନ କାର୍ଯ୍ୟ ପାଇଁ ଓ ଚାଷୀମାନେ ମରୁଡି ସମୟରେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନାରାୟଣ ସାଗରର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ଏମଆଇପି ବିଭାଗ ପକ୍ଷରୁ ୧ କୋଟି ୪୮ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ବଭାଗୀୟ ଏସଡିଓ, ଯନ୍ତ୍ରୀ ପ୍ରମୁଖ କ୍ଷେତ୍ର ଅନୁଧ୍ୟାନ କରି ଫେରିଥିଲେ ।

# ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଲାଠୋର, ୬।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ପ୍ରଶନ୍ନ କୁମାର ଦାଶଙ୍କ ଅଧକ୍ଷତାରେ ବାର୍ଷିକ କ୍ରୀଡାର ଉଦଯାପନୀଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସମ୍ମାନିତ ଅତିଥି ଭାବେ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସୋମ୍ୟରଞ୍ଜନ ମିଶ୍ର ଯୋଗଦେଇଥିଲେ।ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରିଡାରେ ୧୩ ଗୋଟି ବିଭାଗରେ ୨ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଉତ୍ସବରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ସୋମ୍ୟରଞ୍ଜନ ପଧାନ ଓ ନିମିତା ନାଏକ ଚମ୍ପିୟନ ହୋଇଥିଲେ । ଖେଳ ପରିଚାଳନା ଖେଳ ଶିକ୍ଷକ ଅତୁଲ୍ୟ କୁମାର ଭୋଇ କରିଥିବା ବେଳେ ଅଧ୍ୟାପକ ଭଗବାନ ଦାଶ, ଆଶୁତୋଷ ସାହୁ, ଭବାନିକାନ୍ତ ବଗର୍ତ୍ତି, ସୁଶିଲ ମହାକୁର, ଅଧାପିକା ମନ୍ଦାକିନି ପୋଡ ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।


ଦୌଡ ପ୍ରତିଯୋଗିତାରେ ବାଳିକାମାନେ ।

## ଆବାସ ପାଇଁ ଦିବ୍ୟାଙ୍ଗ ଜିଲାପାଳଙ୍କ ଦ୍ୱାରସ୍ଥ

**ଲୋଇସିଂହା,୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସିଂହାଣିମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ବେଲାର ମଟାରୀ ଇନ୍ଦରା ଆବସ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମତେ, ସିଂହାଣିମୁଣ୍ଡା ଗ୍ରାମର ସ୍ୱର୍ଗତ ଜନେକ ମଟାରୀଙ୍କ ଦୁଇ ପୁଅ । ବଡ ପୁଅ ବେଲାର, ସ୍ତ୍ରୀ ଭାଗ୍ୟ ଓ ୩ ପିଲାଙ୍କୁ ନେଇ ତାଙ୍କ ସଂସାର । ବେଲାର ଜନ୍ମରୁ ପୋଲିଓଗ୍ରସ୍ତ। ବେଲାର ଅଧ ଏକର ପୈତୃକ ଜମି ଭାଗ ପାଇଛନ୍ତି। ଏଥିରେ ପରିବାର ଚଳିବା କଷ୍ଟକର । ସ୍ତ୍ରୀ ଭାଗ୍ୟ ମୂଲଲାଗି ପରିବାର ପରିପୋଷଣ କରନ୍ତି। ୪ ପ୍ରାଣୀ ପରିବାର ଚଳିବା କଷ୍ଟକର ହେଉଥିବାସ୍ଥଳେ ରହୁଥିବା ଭଙ୍ଗା ଘର ସଜାଡିବା ତାଙ୍କ ପକ୍ଷେ ଦୁର୍ବିସହ ହୋଇ ପଡିଛି । ପକ୍କାଘର ପାଇଁ ପଞ୍ଚାୟତରେ ପିଇଓ ଓ ବିଡିଓଙ୍କୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳି ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଇନ୍ଦରା ଆବାସ ଜିଲା ପ୍ରଶାସନ ପକ୍ଷରୁ ଯୋଗଦେଲେ ୪ ପ୍ରାଣୀ ଉପକୃତ ହେବେ ବୋଲି ସେ ନିବେଦନ କରିଛନ୍ତି।

# ବାର୍ଷିକ କ୍ରୀଡ଼ାରେ ପ୍ରତିଭା ଦେଖାଇଲେ ବିଦ୍ୟାର୍ଥୀ

- ବାଳିକାରେ ସଙ୍ଗୀତା, ବିନ୍ଦୁପ୍ରିୟା, ରଶ୍ମି ଚାମ୍ପିୟନ
- ବାଳକରେ ବବଲୁ, ରୋହିତ ଓ ରାହୁଲ ଶ୍ରେଷ୍ଠ

**ଦେଓଗାଁ, ୬।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ନେତ୍ରଭାନୁ ସରକାରୀ ନୋଡାଲ ହାଇସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଖେଳ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ କିଷାନଙ୍କ ପରିଚାଳନାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ସବଜୁନିୟର, ଷଷ୍ଠ ଓ ସପ୍ତମ ଜୁନିୟର ତଥା ଅଷ୍ଟମରୁ ଦଶମ ସିନିୟର ବିଭାଗରେ ୨୪ଟି ଇଭେଣ୍ଟରେ କ୍ରୀଡା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବିଭାଗ ବାଳିକା ଚାମ୍ପିୟନ ନବମ ଶ୍ରେଣୀର ସଙ୍ଗୀତା ମଲ୍ଲିକ, ବାଳକରେ ନବମ ଶ୍ରେଣୀର ବବଲୁ ସା, ଜୁନିୟରରେ ଷଷ୍ଠ ଶ୍ରେଣୀର ବିନ୍ଦୁପ୍ରିୟା ପଥ୍ରୀମାଲି, ବାଳକରେ ସପ୍ତମ ଶ୍ରେଣୀର ରୋହିତ ଭିତିରିଆ, ସବଜୁନିୟର ବିଭାଗ ବାଳିକାରେ ରଶ୍ମୀ ଭିତିରିଆ ଓ ବାଳକ ବିଭାଗରେ ରାହୁଲ ପଥ୍ରୀମାଲି ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ନରସିଂହ ଦଣ୍ଡସେନା, ମୁଖ୍ୟବକ୍ତା ଅଧ୍ୟାପକ ଗୋବିନ୍ଦ ମେହେର, ସମ୍ମାନୀତ ଅତିଥି ଏବିଇଓ ମନୋହର ଉଟୀ, ଯୋଗଗୁରୁ ଅଚ୍ୟୁତ ସାହୁ, ଶିକ୍ଷାବିତ କାମଦେବ ମେହେର ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଉଦ୍‌ଯାପନୀ ସଙ୍ଗୀତ ଗାନ କରାଯାଇଥିବା ବେଳେ ଶିକ୍ଷକ ଅଗ୍ନି କୁମାର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସରୋଜ କୁମାର ଦଣ୍ଡସେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତ ଶିକ୍ଷକ ଦେବାଶିଷ ବିଶି ବାର୍ଷିକ ବିବରଣୀ ପଠନ କରିଥିଲେ । ଶେଷରେ ଶିକ୍ଷକ ବ୍ରଜ କିଶୋର ରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ଥନାପତି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।



ନେତ୍ରଭାନୁ ହାଇସ୍କୁଲ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଚାମ୍ପିୟନ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଉଛି ।

# କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଖପ୍ରାଖୋଲ ୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମାଇପାଲିଠାରେ କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ, ପୁଚି, ମ୍ୟୁଜିକ ଚେୟାର, ଗଣିତ ଦୌଡ, ରସିଡିଆଁ, ବେଙ୍ଗ ଡିଆଁ, ବସ୍ତାଡିଆଁ, ନାଚ, ଗୀତ ପ୍ରତିଯୋଗିତାମାନ ଅନୁଷ୍ଟିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ପ୍ରଧାନଶିକ୍ଷକ ନିହାର ରଞ୍ଜନ ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକଶକ୍ଷା ଅଧିକାରୀ ଶକ୍ତିପ୍ରସାଦ ଝାଙ୍କର,ସମ୍ମାନୀତ ଅତିଥି ସହ ଶିକ୍ଷା ଅଧିକାରୀ ମିନିକେତନ ବରିହା, ଶିକ୍ଷାବିତ ଦୁଷ୍ମନ୍ତ ମେହେର, ମାଧବ ମେହେର, ପରମାନନ୍ଦ ବାଗ, ସିଆରସିସି ସନ୍ତୋଷ ବାଗ ପ୍ରମୁଖ ଯୋଗଦେଇ କ୍ରୀଡାସହ ଶିକ୍ଷା ଓ ଉତ୍ତମ ଚରିତ୍ର ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ସିଆରସିସି ଗୋପିନାଥ ସାହୁ ପରିଚାଳନା କରିଥିବାବେଳେ ଶିକ୍ଷକ ଜତନ ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସୁବାସ ନାଗ, ସୁଜିତ ବାରିକ, ରାଜାରାମ ବରିହା, ଅଚ୍ୟୁତ ଦୀପ, ତପ ସୁନା, ରଞ୍ଜନ ମେହେର, ପ୍ରଭାକର ସୁଆର,ଟିକେଲାଲ କୁମ୍ଭାର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।


କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉପଲକ୍ଷେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ।

# ବ୍ଲକସ୍ତରୀୟ ମାନସ ମନ୍ଥନ ଉଦ୍‌ଯାପିତ

**ଲୋଇସିଂହା,୬।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ଭରସୁଜା ଛେଳିଆପାଟ ହାଇସ୍କୁଲଠାରେ ଦୁଇଦିନଧରି ଚାଲିଥିବା ବ୍ଲକସ୍ତରୀୟ ମାନସ ମନ୍ଥନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଆୟୋଜକ ସ୍କୁଲର ପ୍ରଧାନଶିକ୍ଷକ ଦିଲୀପ କୁମାର ପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ବିଜ୍ଞାନ ନିରୀକ୍ଷକ ନୀଳମଣୀ ପଟେଲ, ଏବିଓ ସବିତା ମିଶ୍ର, ଆରୁଣି ମହାନନ୍ଦ, ସରପଞ୍ଚ ଗଣେଶ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ପୂର୍ବରୁ କ୍ଲଷ୍ଟରସ୍ତରରେ ମାନସ ମନ୍ଥନ କାର୍ଯ୍ୟକ୍ରମ କରିଥିବା ସିଆରିସି ସୁଶାନ୍ତ କୁମାର ନନ୍ଦ, ଦୁର୍ଯ୍ୟୋଧନ ପଶାୟତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ମାଟ୍ରିକ ପ୍ରି ବୋର୍ଡ ପରୀକ୍ଷାରେ ୬୦ରୁ ୭୦ପ୍ରତିଶତମାର୍କ ରଖିଥିବା ବ୍ଲକର ୩୦ଜଣ ଛାତ୍ରୀଛାତ୍ରଙ୍କୁ ବ୍ଲକର ଅଭିଜ୍ଞ ୨୪ଜଣ ଶିକ୍ଷକ ଆଗାମୀ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିବା ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ।

ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# ଗରିବଙ୍କୁ ଆଇନ ସେବା ଯୋଗାଇବାକୁ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୬।୨**

ବଲାଙ୍ଗୀର ସିଭିଲକୋର୍ଟ ପରିସରସ୍ଥ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୁଧବାର ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଚିତ୍ତରଞ୍ଜନ ମହାପାତ୍ର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଗରିବ ଓ ଅସହାୟ ଲୋକଙ୍କୁ କିଭଳି ମାଗଣା ଆଇନସେବା ଯୋଗାଇ ଦିଆଯାଇ ପାରିବ ତାହା ଉପରେ କହିଥିଲେ । ସିଭିଲକୋର୍ଟ ରେଜିଷ୍ଟ୍ରାର ତଥା ପ୍ରାଧିକରଣ ସଚିବ ସନ୍ତୋଷଦାସ ରାୟ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା କରି ଆଇନସେବାକୁ କିଭଳି ଗ୍ରାମାଞ୍ଚଳ ସ୍ତରକୁ ପହଞ୍ଚା ଯାଇପାରିବ ବକ୍ତବ୍ୟ ରଖିଥିଲେ । ଜିଲାର ବିଭିନ୍ନ ସ୍ଥାନରୁ ୧୧୧ ଜଣ ପାରା–ଲିଗାଲ ସ୍ୱେଚ୍ଛାସେବୀ ତାଲିମ ଗ୍ରହଣ କରିଥିଲେ । ଆଇନର ବିଭିନ୍ନ ଦିଗ ଓ ପ୍ରସଙ୍ଗ ଉପରେ ଜୁଡିସିଆଲ ମାଜିଷ୍ଟ୍ରେଟ ଦିଲୀପ କୁମାର ବାରିକ, ଗୌରଭ ପୁରୋହିତ, ସୌରଭ ଶର୍ମା ଓ ତ୍ରିଜିବ କୁମାର ନନ୍ଦ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରାଧିକରଣର ପ୍ରବୀଣ ଶତପଥୀ, ରଜନୀକାନ୍ତ ରଥ, ସମୀର ରଞ୍ଜନ ପ୍ରଧାନ, ଅନିତା ପ୍ରଧାନ, ସନାତନ ଜେନା, ମନୋଜ କୁମାର ପଣ୍ଡା, ପାରାଲିଗାଲ ସ୍ୱେଚ୍ଛାସେବୀ ଜୟକୃଷ୍ଣ ମିଶ୍ର, ସାମ୍‌ସନ ମିସାଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାମନାରାୟଣ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ଭବାନୀପାଟଣା

**ମୁରିବାହାଲ, ୬।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମ ପଞ୍ଚାୟତ ବନବାହାଲ ଖେଳ ପଡିଆରେ ଚାଲିଥିବା ରାମନାରାୟଣ ମେମୋରିଆଲ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ସ୍ପୋର୍ଟ୍ସହଷ୍ଟେଲ ଭବାନୀପାଟଣା । ବନବାହାଲ ଫୁଟବଲ କ୍ଲବ ଆନୁକୂଲ୍ୟରେ ବୁଧବାର ଖେଳାଯାଇଥିବା ସେମି ଫାଇନାଲ ମ୍ୟାଚରେ ମହିନ୍ଦ୍ରା ଓ ମହିନ୍ଦ୍ରା ଭୁବନେଶ୍ୱର ଓ ସ୍ପୋର୍ଟ୍ସ ହଷ୍ଟେଲ ଭବାନୀପାଟଣା ମୁହାଁମୁହିଁ ହୋଇଥିଲେ। ଏଥିରେ ଭବାନୀପାଟଣା ୧–୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଟାଇଟଲ ପାଇଁ ଚାରଭଟା ସମ୍ବଲପୁର ଓ ସ୍ପୋର୍ଟ୍ସହଷ୍ଟେଲ ଭବାନୀପାଟଣା ମଧ୍ୟରେ ମୁକାବିଲା ହେବ। ଆଜିର ମ୍ୟାଚରେ ମୁରିବାହାଲ ଡିଗ୍ରୀ କଲେଜର ଅଧାପକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଲାଠୋର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଲାଲୁ ନାୟକ ଓ ମୁରିବାହାଲ ପଞ୍ଚାୟତର ନାଏବ ସରପଞ୍ଚ ମନୋଜ କୁମାର କର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଶ୍ରୀବସ୍ତ ବେହେରା, ଅଶ୍ୱିନୀ ଭୁକ୍ତା, ଶିବ ଧରୁଆ, ଗିରିଧାରୀ ମଲ୍ଲିକ ପରିଚାଳନା କରିଥିଲେ । ସଭାପତି ଶିବ ଧରୁଆ, ଉପସଭାପତି ଦିଲୀପ ନାଏକ, ସାଧାରଣ ସମ୍ପାଦକ ଗୋପବନ୍ଧୁ ଭୋଇ, ଆରତୀ କୁଅଁର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାର ନେତୃତ୍ୱ ଦେଉଛନ୍ତି।


ବୁଧବାର ଖେଳାଯାଇଥିବା ମ୍ୟାଚରେ ଅତିଥି ଓ ରେଫେରୀଙ୍କ ସହ ଉଭୟ ଦଳର ଖେଳାଳିମାନେ ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ସଂକ୍ଷେପରେ



### ଲିଟିଲ୍ ଷ୍ଟାର୍ସ କ୍ରିକେଟ୍ ଫାଇନାଲରେ ସହିଦ୍ ସ୍ପୋର୍ଟିଂ

ଭୁବନେଶ୍ୱର, ୬।୨(ସ୍ପୋର୍ଟ୍ସ ବ୍ୟୁରୋ): ଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ଚାଲିଥିବା ଲିଟିଲ୍ ଷ୍ଟାର୍ସ କ୍ରିକେଟ୍ ଲିଗ୍‌ରେ ପ୍ରଥମ ଦଳ ଭାବେ ସହିଦ୍ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଶହୀଦ୍ ସ୍ପୋର୍ଟିଂ ୨୮ ରନରେ ଓସ୍କାରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶହୀଦ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭରରେ ୩ ଉଇକେଟ୍ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଦେବଜ୍ୟୋତି ଦାସ ପଟ୍ଟନାୟକ ୫୦* ଓ ରୁଦ୍ର ପ୍ରସାଦ ମଲ୍ଲିକ ୪୧ ରନ କରିଥିଲେ। ଜବାବରେ ଓସ୍କାର ୧୨୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଶାଶ୍ୱତ ରାଉତ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଅର୍ଦ୍ଧଶତକୀୟ ଇନିଂସ ପାଇଁ ଦେବଜ୍ୟୋତି ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଗୁରୁବାର ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ଓ ଆୟୋଜକ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### କାତାର ଓପନରୁ ଓହରିଲେ ଓସାକା

ଦୋହା,୬।୨: ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଟେନିସ ଖେଳାଳି ନାଓମି ଓସାକା ଆଗାମୀ ସପ୍ତାହରେ ହେବାକୁ ଥିବା କାତାର ଓପନରୁ ଓହରି ଯାଇଛନ୍ତି। ପିଠି ଜନିତ ସମସ୍ୟା ଯୋଗୁ ୨୧ ବର୍ଷୀୟା ଖେଳାଳି ଏହି ନିଷ୍ପତ୍ତି ନେଇଛନ୍ତି। ଦୁଇ ଥର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଚାମ୍ପିୟନ ସମାନ କାରଣ ଯୋଗୁ ଗତ ଅକ୍ଟୋବରରେ ହଂକଂ ଓପନରୁ ଓହରି ଯାଇଥିଲେ। ତେବେ ତାଙ୍କୁ କାତାର ଓପନରେ ଶୀର୍ଷ ସିଡ୍ ପ୍ରଦାନ କରାଯାଇଥିଲା। ଏବେ ସେ ଅଂଶଗ୍ରହଣ କରୁ ନ ଥିବାରୁ ରୋମାନିଆର ସିମୋନା ହାଲେପଙ୍କୁ ଟପ୍ ସିଡ୍ ପ୍ରଦାନ କରାଯିବ।

ଡାହାଣୀ ସନ୍ଦେହରେ ମହିଳାଙ୍କୁ ନିର୍ଯାତନା ଘଟଣା

# ପୀଡ଼ିତାଙ୍କ ସାମାଜିକ ସୁରକ୍ଷା ପାଇଁ ପଦକ୍ଷେପ

ରାଉରକେଲା ଅଫିସ,୬।୨

**ଅନୁସନ୍ଧାନ କରିବାକୁ ଲାଠିକଟା ବିଡିଓଙ୍କୁ ଚିଠି**

୧୪ ବର୍ଷ ପୂର୍ବେ ଡାହାଣୀ ସନ୍ଦେହରେ ଲୋକଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ଲାଠିକଟା ବ୍ଲକ ଟାଇଁସର ପଞ୍ଚାୟତ ପାତ୍ରାଟୋଲାର ନୁନି ଏକ୍କା (୫୦)ଙ୍କ ସାମାଜିକ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ସକାରାତ୍ମକ ପଦକ୍ଷେପ ନେଇଛନ୍ତି। ଏନେଇ ମହାପାତ୍ର ସୋମବାର ଲାଠିକଟା ବିଡିଓଙ୍କୁ ଚିଠିଲେଖି ନୁନିଙ୍କ ଅବସ୍ଥା ସମ୍ପର୍କରେ ଆନୁଧ୍ୟାନ କରିବା ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଗତ ୩ତାରିଖରେ ସାମାଜିକ କର୍ମୀ ଶାନ୍ତନୁ କୁସୁମ ନୁନିଙ୍କ ସମ୍ପର୍କରେ ଉପଜିଲାପାଳ ମହାପାତ୍ରଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ୧୪ବର୍ଷ ପୂର୍ବେ ନୁନିଙ୍କୁ ଗ୍ରାମର କେତେଜଣ ବ୍ୟକ୍ତି ଡାହାଣୀ ଆଖ୍ୟା ଦେଇ ଗାଁ ଦାଣ୍ଡରେ ଉଲଗ୍ନ କରି ବୁଲାଇବା ସହ ତାଙ୍କୁ ଘରୁ ତଥା ଗାଁରୁ ବାହାର କରିଦେଇଥିଲେ। ନୁନି ନଦୀ ପାର୍ ହୋଇ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ବାଧ୍ୟ ହୋଇଥିଲେ। ଘରେ ରହି ଯାଇଥିଲେ ତାଙ୍କର ୩ ଶିଶୁ ସନ୍ତାନ। ଯେଉଁମାନେ ପରବର୍ତ୍ତୀ ସମୟରେ ମା'ଙ୍କ ଅନୁପସ୍ଥିତିରେ ନିଜ ଭବିଷ୍ୟତ ତଥା ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇ ଯେନତେନ ବଢ଼ିଥିଲେ। ବାହାରେ ଥାଇ ନୁନି ପିଲାଙ୍କ ଉପରେ ନଜର ରଖିବାରେ ବିଫଳ ହୋଇଥିଲେ। ତେଣୁ କିଛିବର୍ଷ ଗଡ଼ିଯିବା ପରେ ମନରେ ସାହସ ସଞ୍ଚୟ କରି ଘରେ ପାଦ ଥାପିଥିଲେ ବି ତାଙ୍କ ପୂର୍ବ ସ୍ଥିତି ଫେରି ପାଇବା ସମ୍ଭବ ହୋଇ ନ ଥିଲା। ଏବେ ବି ସେ ଗାଁ ଦାଣ୍ଡରେ ମୁଣ୍ଡପାତି ଚାଲୁଛନ୍ତି। ସନ୍ଦେହୀ ଲୋକଙ୍କ ମନ ବି ପରିବର୍ତ୍ତନ ହୋଇନାହିଁ। ଜୀବନ ଜିଇଁବା ଯେମିତି ତାଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଛି। ସ୍ୱାମୀ, ପିଲା ଓ ନିଜ ଭବିଷ୍ୟତକୁ ନେଇ ଦିନେ ସୁନେଲି ସ୍ୱପ୍ନ ଦେଖିଥିବା ନୁନି ଏବେ ଯେମିତି ଜଡ଼ ପାଲଟି ଯାଇଛନ୍ତି। ଯନ୍ତ୍ରମାନବ ପରି ଚୁପଚାପ କାମ କରିବା, ମୁହଁରେ ତୁଣ୍ଡି ଦେଇ ବାଟ ଚାଲିବା ତାଙ୍କ ଅଭ୍ୟାସରେ ପରିଣତ ହୋଇଛି। ଏ ନେଇ କିଛିଦିନ ପୂର୍ବେ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଓ ଡାହାଣୀ ଭଳି ସାମାଜିକ କୁସଂସ୍କାର ଉପରେ ଗବେଷଣା କରୁଥିବା ଜଣେ ଛାତ୍ରୀ ଗାଁରେ ପହଞ୍ଚି ନୁନିଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ୧୪ ବର୍ଷ ତଳର କାହାଣୀ ଏ ଦୁହିଁଙ୍କୁ କରିବା ବେଳେ ନୁନିଙ୍କ ଲୁହ ସବୁ ପୁଣି ଥରେ ଉଜ୍ଜୀବୀତ ହୋଇ ଉଠିଥିଲା। ଘରେ ଠାକୁର ରଖି ଭକ୍ତିଭାବରେ ପୂଜା କରିବା ଥିଲା ତାଙ୍କର ନିତିଦିନିଆ ଅଭ୍ୟାସ। ପିଲା ପରିବାର ଆତ୍ମୀୟଙ୍କ ମଙ୍ଗଳ ମନାସିବା ଶେଷରେ ତାଙ୍କୁ ଡାହାଣୀ ସଜାଇ ଦେଇଥିଲା। ସନ୍ଦେହୀ ଲୋକେ ତାଙ୍କୁ କଥା ପଦେ କହିବାକୁ ସୁଯୋଗ ନ ଦେଇ ଅକଥନୀୟ ନିର୍ଯାତନା ଦେଇ ବ୍ରହ୍ମଣୀ ନଦୀ ପାର୍ କରାଇ ଦେଇଥିଲେ। ସେବେଠାରୁ ଉଜୁଡ଼ା ସୁନା ସଂସାରକୁ ସଜାଡ଼ିବାକୁ ଯେତେ ଚେଷ୍ଟା କରିଥିଲେ ବି ନୁନି ହାରି ଯାଇଛନ୍ତି। ସବୁଦିନ ମରି ମରି ବଞ୍ଚୁଥିବା ନୁନିଙ୍କୁ କିଭଳି ଅଭୟ ଦିଆଯାଇ ପାରିବ କ'ଣ କଲେ ଅନ୍ତତଃ ସେ ଶାନ୍ତିରେ ଅବଶିଷ୍ଟ ଜୀବନ କାଟି ପାରିବେ ସେ ନେଇ ସାମାଜିକ କର୍ମୀ କୁସୁମ ଉପଜିଲାପାଳ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପଜିଲାପାଳଙ୍କ ଚିଠି ପରେ ଲାଠିକଟା ବିଡିଓ ଘଟଣା ଉପରେ ନିଶ୍ଚିତ ଦୃଷ୍ଟି ଦେବେ ବୋଲି ସେ ଆଶା ବ୍ୟକ୍ତ କରାଯାଉଛି।



ଦେଶୀମଦ କାରବାର ଅଭିଯୋଗରେ ଗିରଫ ୯ ବ୍ୟକ୍ତି ଓ ଜବତ ସାମଗ୍ରୀ।

## ଦେଶୀ ମଦ, ପୋଚ ଜବତ: ୯ ଗିରଫ

ରାଉରକେଲା ଅଫିସ,୬।୨

ଜିଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମହୁଲି ମଦ, ପୋଚ ଓ ଏଥିରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏନେଇ ୧୦ଟି ଭିନ୍ନ ଭିନ୍ନ ମାମଲାରେ ୯ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ୫୮୭ ଲିଟର ମଦ ଓ ୨୮୫୦ କିଲୋଗ୍ରାମ ପୋଚ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗୀୟ ଟିମ ଦକ୍ଷିଣ ରାଉରକେଲାର ଲାଲଟାଙ୍କି, ରାଉରକେଲାର ବାଗବୁଡ଼ିବସ୍ତି ଓ ଲୁଆକେରା ଅଞ୍ଚଳରେ ଚଢ଼ାଉ କରିଥିଲା। ଘଟଣାରେ ସମ୍ପୃକ୍ତ ଲାଲଟାଙ୍କିର ସରସ୍ୱତୀ ଶର୍ମା, ପାଣ୍ଡୁ ପାଶୱାନ, ମାନା ମୁଣ୍ଡାରୀ, ମଣିରାମ ଭୂମିଜ, ରୀନା ମୁଣ୍ଡାରୀ, ଜୟମଣି ମୁଣ୍ଡାରୀ, ଘାସି ମୁଣ୍ଡାରୀ, କର୍ମୀ ଖାଲକୋ ଓ ଜଶପିନ ଖାଲକୋଙ୍କୁ ଗିରଫ କରାଯାଇଛି।

## ଇଞ୍ଜିନିୟରିଂ ଛାତ୍ରୀ ଗଣବଳାତ୍କାର ମାମଲାରେ ଆଉ ଜଣେ ଗିରଫ

ରାଉରକେଲା ଅଫିସ,୬।୨

ଡିସେମ୍ବର ୩୦ରେ ରାଉରକେଲାର ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କ ସହ ଚକ୍ରଧରପୁରଠାରେ ଘଟିଥିବା ଗଣ ବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ରେଲୱେ ପୋଲିସ ଗିରଫ କରିଛି। ତାଙ୍କ ନାଁ ବାବ୍‌ଲୁ ତନ୍ତୀ (୨୩)। ସେ ଚକ୍ରଧରପୁର ବୁଡ଼ିଗୁଡ଼ା ଅଞ୍ଚଳର ବୋଲି କୁହାଯାଇଛି। ବାବଲୁ ସମ୍ପୃକ୍ତ ଛାତ୍ରୀଙ୍କୁ ରାଉରକେଲା ରେଳ ଷ୍ଟେଶନ ନିକଟରୁ ଭୁଲାଇ ନେଇ ଅନ୍ୟ ୪ଜଣଙ୍କ ସହ ମିଶି ଧର୍ଷଣ କରିଥିଲେ ବୋଲି ପୋଲିସ କହିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗତ ୨୮ ତାରିଖରେ ଗିରଫ କରିଥିଲା। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦେଇଛି।



ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଗିରଫ ଅଭିଯୁକ୍ତ ସହ ପୋଲିସ କର୍ମଚାରୀ।



କର୍ପୋରେଟ ପ୍ରିମିୟର ଲିଗ୍

### କ୍ଲାଉଡ୍ ଇଲେଭେନ, କଳିଙ୍ଗ ପାନ୍ଥର୍ସ ବିଜୟୀ

ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି)

ସୋଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା କର୍ପୋରେଟ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ କ୍ଲାଉଡ ଇଲେଭେନ ଓ କଳିଙ୍ଗ ପାନ୍ଥର୍ସ ବିଜୟ ହାସଲ କରିଛନ୍ତି। ଏହି ଦୁଇ ଦଳ ଯଥାକ୍ରମେ ଭୁବନେଶ୍ୱର ଜ୍ୟାଣ୍ଟ୍ସ ଓ ସ୍ମାର୍ଟନ୍ସ ଏକାଦଶକୁ ପରାସ୍ତ କରିଛନ୍ତି। ଏଥିସହିତ କଳିଙ୍ଗ ପାନ୍ଥର୍ସ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୯୦ ରନ ସ୍କୋର କରିବା ସହିତ ୨ଟି ଉଇକେଟ ନେଇଥିବା କ୍ଲାଉଡ୍ ଇଲେଭେନର ରାଜେଶ ପାଇକରାୟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

## ରାହୁଲଙ୍କ ବକ୍ତବ୍ୟ ଗାଲୁଆଙ୍କ ବାରବାଟି ଚାଷ ଭଳି: ଭାଜପା

ରାଉରକେଲା ଅଫିସ,୬।୨

କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦେଇଥିବା କଟୁ ମନ୍ତବ୍ୟ ଗାଲୁଆଙ୍କ ବାରବାଟି ଚାଷ ଭଳି ବୋଲି ରାଜ୍ୟ ଭାଜପା ସମ୍ପାଦକ ଧିରେନ ସେନାପତି ଏକ ବିବୃତିରେ କହିଛନ୍ତି। ଜିଲା କଂଗ୍ରେସ ପକ୍ଷରୁ ଏୟାର ଷ୍ଟ୍ରିପ ନିକଟ ପଡ଼ିଆରେ ଆୟୋଜିତ ସମାବେଶରେ ବାରମ୍ବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚୋର ସମ୍ବୋଧନ କରିବା ଜଣେ ଜାତୀୟ ଦଳ ନେତାଙ୍କ କ୍ଷେତ୍ରରେ ଶୋଭା ପାଉନି। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ କେନ୍ଦ୍ରରେ କଂଗ୍ରେସ କ୍ଷମତାସୀନ ଥିବାବେଳେ ସୁନ୍ଦରଗଡ଼ ଜିଲା ଆଦିବାସୀ ଭାଇ ଭଉଣୀଙ୍କ ପାଇଁ କି ପ୍ରକାର ମଙ୍ଗଳ କରିଛନ୍ତି ତାହା ରାହୁଲ ପ୍ରକାଶ କରିଥିଲେ ଭଲ ହୋଇଥାନ୍ତା ବୋଲି ସେନାପତି କହିଛନ୍ତି। ୨୦୧୪ରୁ ଆଜିପର୍ଯ୍ୟନ୍ତ ମୋଦି ସରକାର ସୁନ୍ଦରଗଡ଼ ଜିଲାର ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ରାଉରକେଲାକୁ ସ୍ମାର୍ଟ ସିଟି କରିଛନ୍ତି। ଅମୃତ ଯୋଜନାରେ ସାମିଲ କରିବା ସହ ଉଡାନ ଯୋଜନାରେ ବି ଅନ୍ତର୍ଭୁକ୍ତ କରିଛନ୍ତି। ସେହିଭଳି ଏଠାରେ ପାସ୍‌ପୋର୍ଟ ଅଫିସ ଖୋଲିବା ଏକ ଐତିହାସିକ ପଦକ୍ଷେପ ବୋଲି ସେନାପତି ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ରେ ଏନ୍‌ଟିପିସି ପକ୍ଷରୁ ପାୱାର ପ୍ଲାଣ୍ଟ, ମେଡିକାଲ କଲେଜ, ବାରକୋଟ-ବୀରମିତ୍ରପୁର ୪ ଲେନ୍ ରାସ୍ତା, ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ କାର୍ଯ୍ୟ ଆରମ୍ଭ, ଏନ୍‌ଏସ୍‌ପିସିଏଲ୍ ପକ୍ଷରୁ ପାୱାର ପ୍ଲାଣ୍ଟ, ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲର ଆଧୁନିକୀକରଣ, ଆଇଜିଏଚ୍‌ରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନେଇ କାର୍ଯ୍ୟାରମ୍ଭ, ରାଉରକେଲାରୁ ଝାରସୁଗୁଡ଼ା ୩ୟ ରେଳ ଲାଇନ ପାଇଁ ପଦକ୍ଷେପ ଉଲ୍ଲେଖନୀୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏତିକି ନୁହେଁ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ନେତୃତ୍ୱରେ ଜିଲାର ସର୍ବାଙ୍ଗୀନ ବିକାଶ ଜାରି ରହିଛି। ପ୍ରତି ବ୍ଲକରେ ପ୍ରାୟ ୩୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବା କେନ୍ଦ୍ର ସରକାରଙ୍କ ବଡ଼ ସଫଳତା ବୋଲି ସେ କହିଛନ୍ତି। କଂଗ୍ରେସ ସରକାର ବେଳେ କୌଣସି ନିର୍ଦ୍ଦିଷ୍ଟ ଖଣି ନୀତି ନ ଥିଲା। ଲୁଟ୍ ଉଦ୍ଦେଶ୍ୟରେ ଏସବୁକୁ କଂଗ୍ରେସ ଅଣଦେଖା କରି ଆସୁଥିଲା। ଭାଜପା ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ସୃଷ୍ଟି କରାଯିବା ସହ ହଜାରେ କୋଟିର ଅନୁଦାନ ଯୋଗାଡ଼ କରାଯାଇ ପାରିଛି ଓ ଏ ସବୁ ଜିଲା ବିକାଶରେ ବିନିଯୋଗ କରାଯାଉଛି ବୋଲି ଭାଜପା ମୁହଁତୋଡ଼ ଜବାବ ଦେଇଛି କଂଗ୍ରେସକୁ। ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଚାଷୀଙ୍କୁ ଋଣଛାଡ଼ ନାଁରେ ପ୍ରତାରିତ କରାଯାଇଛି। ଚାଷୀଙ୍କୁ ମାତ୍ର ହଜାରେରୁ ୫ ହଜାର ଟଙ୍କା ଯାଏ ଋଣଛାଡ଼ କରି କଂଗ୍ରେସ ବାହାବା ନେବାକୁ ବସିଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ରାଜ୍ୟବାସୀ ଭ୍ରଷ୍ଟାଚାରୀ କଂଗ୍ରେସକୁ ଭଲ ଭାବେ ଚିହ୍ନିନ୍ତି। ଠିକଣା ସମୟରେ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି ସେନାପତି ପ୍ରକାଶ କରିଛନ୍ତି।

## ସର୍ବଭାରତୀୟ ବିଜୁ ପଟ୍ଟନାୟକ ଫୁଟବଲ ଟୁର୍ନାମେଣ୍ଟ ୧ରୁ

ରାଉରକେଲା ଅଫିସ,୬।୨

ଷ୍ଟିଲ ସିଟି ପାର୍ଶ୍ୱାଞ୍ଚଳରେ ଫୁଟବଲ ଖେଳକୁ ଲୋକପ୍ରିୟ କରାଇବା ଓ ଦକ୍ଷ ଖେଳାଳି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁରେ ଗତ ୧୬ ବର୍ଷ ହେଲା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ମାର୍ଚ୍ଚ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହେବ। ଏଥିସହ ୪ର୍ଥ ମୁକ୍ତ ରାଉରକେଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାରେ ରାଜ୍ୟର ୪ଟି ଓ ରାଜ୍ୟ ବାହାରୁ ୬ଟି ଦଳ ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ରାଉରକେଲା କପ୍ ପ୍ରତିଯୋଗିତାରେ ୮ଟି ଦଳ ଭାଗନେବେ ବୋଲି ସଂଗଠନ ଅଧ୍ୟକ୍ଷ ମିହିର ରାୟ ପ୍ରକାଶ କରିଛନ୍ତି। ଏଥିପାଇଁ ୫୦ଜଣ ସଭ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ତଥା ପରିଚାଳନା କମିଟି ଗଠନ ଅନୁଷ୍ଠିତ ହୋଇଥିବା ରାୟ ପ୍ରକାଶ କରିଛନ୍ତି। ଏହି ଟୁର୍ନାମେଣ୍ଟ ରାଜ୍ୟ ତଥା ଜାତୀୟ ଫୁଟବଲ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଆସୋସିଏଶନ ପକ୍ଷରୁ ଆସନ୍ତା ମାର୍ଚ୍ଚ ୫ ବିଜୁ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ଆୟୋଜନ କରାଯିବ ବୋଲି ମଧ୍ୟ କୁହାଯାଇଛି। ଏଥିରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଭାଗ ନେଇପାରିବେ। ଏନେଇ ଆୟୋଜିତ ବୈଠକରେ ଜାତୀୟ ଫୁଟବଲ ରେଫରି ଭାସ୍କର ନନ୍ଦ, ଶରତ ମିଶ୍ର, ଅର୍ଜୁନ ଭୂୟାଁ, ସୂର୍ଯ୍ୟକାନ୍ତ ପାତ୍ର, କେଶବ ପ୍ରଧାନ, ସୁବାସ ପଣ୍ଡା, ପ୍ରଦୀପ ମହାନ୍ତି, ଅମରନାଥ ଜେନା, ମଧୁସୂଦନ ମହାନନ୍ଦିଆ, କାଶୀନାଥ ସୁନା, ଈଶ୍ୱର ଟୁଡୁ ଓ ଆସୋସିଏଶନ ଉପଦେଷ୍ଟା ସୁଧୀର ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ଗସ୍ତର ଝଲକ



ରାଉରକେଲା ଏୟାରଷ୍ଟ୍ରିପ୍ ପଡ଼ିଆ ସଭାମଞ୍ଚରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଫୁଲମାଳ ଦିଆଯାଇ ସ୍ୱାଗତ କରାଯାଉଛି।



ପାରମ୍ପରିକ ଆଦିବାସୀ ନୃତ୍ୟ ସହ ରାହୁଲ ଗାନ୍ଧୀଙ୍କ ସଭାସ୍ଥଳକୁ ଆସୁଛନ୍ତି ଦଳୀୟ ସମର୍ଥକ।



ରାହୁଲ ଗାନ୍ଧୀଙ୍କ ସମାବେଶ ସ୍ଥଳରେ କର୍ମୀଙ୍କ ଦ୍ୱାରା ରାଫାଲ ଦୁର୍ନୀତି ନେଇ ସାଙ୍କେତିକ ସଚେତନତା କରାଯାଉଛି।



ରାହୁଲ ଗାନ୍ଧୀଙ୍କ ସଭାସ୍ଥଳରେ ଉତ୍ସାହିତ କଂଗ୍ରେସ କର୍ମୀ ଓ ସମର୍ଥକ।

## ରାହୁଲ ଗାନ୍ଧୀଙ୍କ ଗସ୍ତର ଏପାଖ ସେପାଖ

### ଖବରଦାତା ହଟହଟା

ରାଉରକେଲା ଅଫିସ,୬।୨

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଭାରେ ଯୋଗଦେବାକୁ ଦଳ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ପାସ୍ ବ୍ୟବସ୍ଥା କରାଯାଇଥିଲା। ଏନେଇ କାହାକୁ ସୂଚନା ଦିଆ ନ ଯାଇ କଂଗ୍ରେସ ଭବନରେ ମନଇଚ୍ଛା ପାସ୍ ବଣ୍ଟାଗଲା। ଫଳରେ ବହୁ ଗଣମାଧ୍ୟମ ପ୍ରତିନିଧି ପାସ୍ ପାଇବାରୁ ବଞ୍ଚିତ ହେଲେ। ଯେଉଁ କେତେଜଣ ସଭାସ୍ଥଳକୁ ଆସିଲେ ସେମାନଙ୍କୁ ଚେୟାର ମିଳିଲାନି। ପ୍ରେସ୍ ଗ୍ୟାଲେରିକୁ ମାଡ଼ି ବସିଥିଲେ କଂଗ୍ରେସ କର୍ମୀ। ଫଳରେ ଖବରଦାତାମାନେ ଖରାରେ ହଟହଟା ହୋଇଥିଲେ।

### ଖରାରେ ସିଝିଲେ ଲୋକେ

ଅପରାହ୍ନ ୨ଟାରେ ରାହୁଲ ଏୟାରଷ୍ଟ୍ରିପରେ ଓହ୍ଲାଇବେ। ଅତି ବେଶିରେ ୧୦ମିନିଟ ବିଳମ୍ବ ହୋଇପାରେ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ହେଲେ ରାହୁଲ ଆସିଲେ ଘଣ୍ଟାଏ ବିଳମ୍ବରେ। ସେତେବେଳକୁ ଗରମ, ଝାଳରେ ସିଝିଯାଇଥିଲେ ଲୋକେ। ସଭାସ୍ଥଳରେ ପାଣି ଅଭାବ ଯୋଗୁ ଆଉଟୁପାଉଟୁ ହୋଇଥିଲେ କର୍ମୀ ଓ ଜନସାଧାରଣ।

### ମହିଳାଙ୍କୁ ସିଟ୍‌ରୁ ଉଠାଇବା ନେଇ ପାଟିତୁଣ୍ଡ

ବ୍ୟାପକ ଅବ୍ୟବସ୍ଥା ଭିତରେ ଆୟୋଜିତ ସମାବେଶରେ ରାହୁଲଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କେତେଜଣ ମହିଳାଙ୍କୁ ସଭାମଞ୍ଚ ସମ୍ମୁଖରେ ବସାଯାଇଥିଲା। ପରେ ଏଥିରେ ଅନେକ ଭିଆଇପି ପାସ୍‌ଧାରୀ ଧସେଇ ପଶିଥିଲେ। ମହିଳାଙ୍କୁ ଜୋରଜବରଦସ୍ତ ସିଟ୍‌ରୁ ଉଠାଇ ନିଜେ ବସି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ମହିଳାମାନେ କେତେଜଣ ଯୁବକର୍ମୀଙ୍କୁ ଟଣାଓଟରା କରିବା ଦେଖାଯାଇଥିଲା।

### ସବୁଠି ଜର୍ଜଙ୍କ ପତିଆରା

ସଭାସ୍ଥଳକୁ ଯେତିକି କଂଗ୍ରେସ କର୍ମୀ ବା ସମର୍ଥକ ଆସିଥିଲେ ସେଥିରୁ ଅଧିକାଂଶ ଥିଲେ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ସମର୍ଥକ। ହାତରେ ଜର୍ଜଙ୍କ ଫଟୋ ଥିବା ପ୍ଲାକାର୍ଡ, ବ୍ୟାନର ଧରି ପାରମ୍ପରିକ ଆଦିବାସୀ ନୃତ୍ୟର ତାଳେ ତାଳେ ଏମାନେ ସଭା ସ୍ଥଳକୁ ଆସିଥିଲେ। ଅନ୍ୟ କୌଣସି ନେତାଙ୍କ ପ୍ରଶଂସା କିମ୍ବା ନାଁ ଶୁଣା ନ ଯିବା ଜର୍ଜଙ୍କ ପତିଆରାକୁ ସ୍ପଷ୍ଟ କରିଥିଲା।

### ପ୍ରସାଦଙ୍କୁ କେହି ସମ୍ବୋଧନ କଲେନି

ବରିଷ୍ଠ କଂଗ୍ରେସ ନେତାମାନଙ୍କ ଗହଣରେ ମଞ୍ଚରେ ବସିଥିଲେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ। ରାହୁଲ ମଞ୍ଚରେ ପହଞ୍ଚିବା ପୂର୍ବରୁ ଜଣକ ପରେ ଜଣେ ନେତା ବକ୍ତବ୍ୟ ରଖିଥିଲେ। ସେମାନେ ଅନ୍ୟ ନେତାଙ୍କ ନାଁ ଧରି ସମ୍ବୋଧନ କରୁଥିବାବେଳେ ପ୍ରସାଦ ଯେମିତି ସମସ୍ତଙ୍କ ପାଇଁ ଅଲୋଡ଼ା ବୋଲି ଲାଗୁଥିଲେ। କେବଳ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରସାଦଙ୍କୁ ପୂର୍ବ ଅଧ୍ୟକ୍ଷ ବୋଲି ସମ୍ବୋଧନ କରିଥିଲେ ହେଁ ଅନ୍ୟ କେହି ଜଣେ ହେଲେ ତାଙ୍କ ନାଁ ଧରି ନ ଥିଲେ। ମଞ୍ଚ ତଳେ ଏହାକୁ ନେଇ କେତେଜଣ ପୁରୁଣା ନେତା ସମାଲୋଚନା କରିବା ଶୁଣାଯାଇଥିଲା।

### ନାଚିଲେ ରାହୁଲ

ସଭା ଆରମ୍ଭ ପୂର୍ବରୁ ପାରମ୍ପରିକ ଆଦିବାସୀ ନୃତ୍ୟର ଧୁମ୍ ଦେଖିବାକୁ ମିଳିଥିଲା ମଞ୍ଚ ନିକଟରେ। ରାହୁଲ ମଞ୍ଚକୁ ଚଢ଼ିବା ପରେ ତାଙ୍କ ଦୃଷ୍ଟି ପଡ଼ିଥିଲା ଏମାନଙ୍କ ଉପରେ। ମଞ୍ଚ ତଳକୁ ଓହ୍ଲାଇଯାଇ ସେ ଆଦିବାସୀ ମହିଳାଙ୍କ ସହ ନାଚିଥିଲେ। ଏହା କର୍ମୀ ଓ ସମର୍ଥକଙ୍କୁ ବେଶ୍ ଉତ୍ସାହିତ କରିଥିଲା।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୭ ଫେବୃୟାରୀ, ୨୦୧୯



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

କାଳିଆ ଯୋଜନା

### ୧ ଲକ୍ଷ ୬୨ ହଜାର ଚାଷୀ ଉପକୃତ ହେବେ

ଭବାନୀପାଟଣା,୬।୨(ଡି.ଏନ.ଏ.)

କାଳିଆ ଯୋଜନାକୁ ଜିଲାରେ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରଚନ୍ଦନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ କୁମାର ଷଡଙ୍ଗୀ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଜିଲାର ସମସ୍ତ ତହସିଲଦାର, ବିଡିଓ, କୃଷି ଅଧିକାରୀ, ସମବାୟ, ଉଦ୍ୟାନ କୃଷି, ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଯୋଜନାରେ ଜିଲାର ୧ ଲକ୍ଷ ୬୨ ହଜାର କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ସାମିଲ କରାଯାଇଛି। ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲାପାଳ ସମସ୍ତ ଜିଲାସ୍ତରୀୟ ଅଧିକାରୀ ତଥା କ୍ଷେତ୍ରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାନୁୟାରୀ ୨ ରୁ ୧୦ ଯାଏ ପ୍ରତ୍ୟେକ ପଞ୍ଚାୟତରେ ନାଲି ଏବଂ ସବୁଜ ଫର୍ମ ଉପଲବ୍ଧ ରହିଥିଲା। ସବୁଜ ଫର୍ମରେ ଆବେଦନ କରିଥିବା ହିତାଧିକାରୀମାନଙ୍କୁ ୨ୟ ପର୍ଯ୍ୟାୟରେ କାଳିଆ ଯୋଜନାରେ ସାମିଲ କରାଯିବ।

ହଜିଯାଉଛି ବାଉଁଶ ତିଆରି ଜିନିଷ

# ଭୋକ ଉପାସରେ ୫୦ ପରିବାର

■ ସରକାରୀ ଯୋଜନାରୁ ବଞ୍ଚିତ ତୁରୀପଡ଼ା ଗ୍ରାମବାସୀ

ବାଲିଶଙ୍କରା,୬।୨ (ଡି.ଏନ.ଏ.)



ମହିଳାମାନେ ବାଉଁଶରେ ଘର ଉପକରଣ ସାମଗ୍ରୀ ତିଆରି କରୁଛନ୍ତି।

ସୁନ୍ଦରଗଡ଼ ଜିଲା ସୀମାନ୍ତ ବାଲିଶଙ୍କରା ବ୍ଲକ ଶାଗବାହାଲ ପଞ୍ଚାୟତ ଶାଗବାହାଲ ତୁରୀପଡ଼ାଠାରେ ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି ତୁରୀ ସମ୍ପ୍ରଦାୟର ୫୦ ପରିବାର। ସେମାନେ ବାଉଁଶରେ ବିଭିନ୍ନ ଘର ଉପକରଣ ଜିନିଷ କରି ସ୍ଥାନୀୟ ଗାଁ, ବଜାରରେ ବିକି ପରିବାର ପ୍ରତିପୋଷ କରନ୍ତି। ବର୍ତ୍ତମାନ ଯୁଗ ବଦଳିବା ସାଙ୍ଗକୁ ଲୋକଙ୍କ ରୁଚିରେ ମଧ୍ୟ ପରିବର୍ତ୍ତନ ଆସିଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଏବଂ ପରିବର୍ତ୍ତନ ଧାରାରେ ସାମିଲ ହୋଇ ଲୋକେ ପାରମ୍ପରିକ ଜିନିଷଠାରୁ ଦୂରେଇ ଯାଉଛନ୍ତି। ପ୍ଲାଟିକ୍ ଜିନିଷର ଚାହିଦା ବଢୁଥିବା ବେଳେ ବାଉଁଶ ତିଆରି ଜିନିଷର ଚାହିଁଦା କମିବାରେ ଲାଗିଛି। ଫଳରେ ବାଉଁଶ କାରିଗରଙ୍କ ଜୀବନ ଜୀବିକା ବୁଡିବାରେ ଲାଗିଛି। ଅନ୍ୟପକ୍ଷେ ଜଙ୍ଗଲରେ ବାଉଁଶ ମିଳୁନାହିଁ। ପଡ଼ାବାସୀ ବହୁ କଷ୍ଟରେ ବଜାରରୁ ବାଉଁଶ କିଣି ସାମଗ୍ରୀ ତିଆରି କରୁଥିବା ବେଳେ ଉଚିତ ଦର ମିଳୁ ନାହିଁ। ଫଳରେ ନିଜ ଜୀବନ ଜୀବିକା ପ୍ରତି ହତାଶ ହୋଇ ପଡୁଛନ୍ତି। ଅନ୍ୟପକ୍ଷେ ପଡ଼ାବସୀଙ୍କ କାହାରି ନିଜସ୍ୱ ଘର ଡିହ ନ ଥିବା ଲୁଧି ତୁରୀ, ଅବୁନୁ ତୁରୀ, ସୁମନୀ ତୁରୀ, ଲାକ ତୁରୀ ପ୍ରକାଶ କରିଛନ୍ତି। ଫଳରେ ଗ୍ରାମବାସୀ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରି କି ପଡ଼ାରେ ବିଦ୍ୟାଳୟ କିମ୍ବା ଅଙ୍ଗନୱାଡି କେନ୍ଦ୍ର ନାହିଁ । ପଡ଼ାରେ ଗୋଟିଏ ନଳକୂପ ରହିଛି। ହେଲେ ନଳକୂଳରୁ ମଧ୍ୟ ଠିକ୍ ଭାବେ ପାଣି ବାରୁ ନ ଥିବାରୁ ଲୋକେ ପୋଖରୀ ପାଣି ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ପଡାବାସୀ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି କି କୌଣସି ସରକାରୀ ବାବୁଙ୍କ ପାଦ ପଡୁ ନ ଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ନିର୍ବାଚନ ବେଳେ ମାଲମାଲ ନେତା ଆସି ଅନେକ ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହା କୌଣସି କାର୍ଯ୍ୟକାରୀ ହେଉ ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାସହ ପଡାବାସୀଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ୨୦୧୯ ନିର୍ବାଚନକୁ ବର୍ଜନ କରିବେ ପଡାବାସୀ ଚେତାବନୀ ଦେଇଛନ୍ତି।

ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଘଟଣା

## ଅଭିଯୁକ୍ତଙ୍କ ଥାନାରେ ଆତ୍ମସମର୍ପଣ

ବଡଗାଁ,୬।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଦାଣ୍ଡଜମରା ଗ୍ରାମର ଜଣେ ଅଭିଯୁକ୍ତ ବୁଧବାର ବଡଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୋଗ ମୁତାବକ, ୨୦୧୭ ଅଗଷ୍ଟ ମାସରେ ଚାଲିବୁଲି ପାରୁ ନ ଥିବା ଭିନ୍ନକ୍ଷମ ଯୁବତୀ (୨୮) ଘରେ ଏକାକୀ ରହୁଥିଲେ। ଏହାର ସୁଯୋଗ ନେଇ ଭଣ୍ଡି ଗ୍ରାମର ସୁରଥ ସାହୁ(୨୪) ଘରେ ପଶି ଯୁବତୀଙ୍କୁ ବଳାତ୍କାର କରିଥିଲେ। ପରେ ଯୁବତୀ ଜଣଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହି ଘଟଣାକୁ ନେଇ ସେତିକିବେଳେ ଗ୍ରାମରେ ଉତ୍ତେଜନା ଦେଖାଯାଇଥିଲ। ଏପରିକି ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ । ପରେ ସେ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ହେଲେ ବୁଧବାର ସାନ ଭାଇ ଅଭିଯୁକ୍ତ ସୁରଥଙ୍କୁ ଥାନାକୁ ଆଣିବା ପରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ସୁରଥଙ୍କ ଡାକ୍ତରୀ ପରୀକ୍ଷା କରାଇଛି।

ଅଟୋ-ସ୍କୁଟି ମୁହାଁମୁହିଁ ଧକ୍କା ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୬।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତ କାର୍ଯ୍ୟାଳୟ ବୁଲାଣି ନିକଟରେ ମଙ୍ଗଳବାର ଏକ ଯାତ୍ରୀବାହୀ ଅଟୋ (ନଂ. ଓଡି-୧୪ଏ-୦୧୨୨) ବିପରୀତ ପାର୍ଶ୍ୱରେ ଥିବା ଏକ ସ୍କୁଟି (ନଂ. ଜେଏଚ୍-୨୦ସି-୨୫୯୦) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଆହତ ସ୍କୁଟି ଆରୋହୀ ପ୍ରବୋଧ ଲାକ୍ରା (୪୯)ଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ଫେରାର ଅଟୋ ଚାଳକଙ୍କୁ ଧରିବା ପାଇଁ ତନାଘନା ଚଳାଇଛି । ପ୍ରବୋଧଙ୍କ ନିଜ ଘର ବାଂଶଯୋର ହୋଇଥିବା ବେଳେ ସେ ବୀରମିତ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଗଳିରେ ରହୁଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଲହୁଣୀପଡା,୬।୨ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଛକସ୍ଥିତ ହନୁମାନ ମନ୍ଦିର ସପ୍ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏନେଇ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏହି ପରିପ୍ରେକ୍ଷୀରେ ସୋମବାର କଳସ ଶୋଭଯାତ୍ରା, ଅଧିବାସ ଓ ସାଇପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞରେ ବୈଦ୍ୟନାଥ ରାୟ ଓ ବିମଳା ଦେବୀ ଏବଂ ଅଷ୍ଟପ୍ରହର ନାମଯଜ୍ଞରେ ରିଙ୍କୁ ଚୌଧୁରୀ ଓ ରୁବିବାଳା ଦେବୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

ପଣ୍ଡିତ ଗୋପାଳ ଝା, ସୀତାରାମ ଝା, ଜଗଦିଶ ବାବା ଯଜ୍ଞ ସଞ୍ଚାଳନ କରିଥିଲେ। ଲହୁଣୀପଡା ଅର୍କେଇକଳା, କେନାପାଲି, ଉଲମୁରେଇ, ହାତୀବାହାଲ, ଥେଣ୍ଟେଇପୋଷ, ଉଲକୁଣ୍ଡେଇ ଗ୍ରାମର କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ । ଅରବିନ୍ଦ ରାୟ, ରଣଜିତ ପାତ୍ର, ଉମେଶ ରାୟ, ଗଙ୍ଗା ମାହାନ୍ତ, ପରମାନନ୍ଦ ରାୟ, କୁନାଲ ରାୟ, ଅଭିରାମ ସିଂ, ହୃଦାନନ୍ଦ ମାହାନ୍ତ, ରାମାୟା ରାୟଙ୍କ ସମେତ କମିଟି କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରେ ଅନୁଷ୍ଠିତ ନାମଯଜ୍ଞ।

ଦାଦନ ଚାଲାଣ ମିନିଟ୍ରକ୍ ଓଲଟିଲା

## ଜଣେ ମୃତ, ୪ ଗୁରୁତର

ଖଡିଆଳ,୬।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ଉପରପିଟା ଗାଁରୁ ୩୦ଜଣ ଦାଦନ ଶ୍ରମିକଙ୍କୁ ଏକ ମିନିଟ୍ରକ ଯୋଗେ କଣ୍ଟାବାଞ୍ଜି ଦେଇ ଟ୍ରେନରେ ନେବା ପାଇଁ ଯାଉଥିବା ବେଳେ ଖଡିଆଳ ସହରଠାରୁ ୩ କି.ମି. ଦୂର ଜୁନାନୀ ଗାଁ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଛି । ଘଟଣାସ୍ଥଳରେ ଅଭିକାନ୍ତ ନାଏକଙ୍କ ମୃତ୍ୟୁ ଘଟିଛି । ୩୦ଜଣ ଆହତଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ନୂଆପଡା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଖଡିଆଳ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଖଡିଆଳ ଥାନା ଉପରପିଟା ଗାଁର ୩୦ ଜଣ ଦାଦନ ଶ୍ରମିକଙ୍କୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆକବର୍ ଖାନ୍ ନାମକ ଦାଦନ ସର୍ଦ୍ଦାର ମିନିଟ୍ରକ (ନଂ. ଓଆର୍ ୦୩ ଜି-୧୪୬୦)ରେ ଆନ୍ଧ୍ରପ୍ରଦେଶକୁ ଚାଲାଣ ପାଇଁ କଣ୍ଟାବାଞ୍ଜି ନେଇ ଯାଉଥିଲେ । ଘଟଣା ସ୍ଥଳରେ ଶ୍ରମିକ ଅଭିକାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଗାଡିରେ ବସିଥିବା ଅନ୍ୟ ୩୦ ଜଣ ଆହତ ହୋଇଥିଲେ ।



ଲେଫ୍ରିପଡ଼ା ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥି।

## ଲେଫ୍ରିପଡ଼ା ପଞ୍ଚାୟତ ସମିତି ବୈଠକ

ଲେଫ୍ରିପଡ଼ା,୬।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ବୈଠକ ଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା କାମିନୀ କାଲୋଙ୍କ ସଭାପତିତ୍ୱରେ ବିଡିଓ ପଲ୍ଲବୀରାଣୀ ରାଜ ବୈଠକ ପରିଚାଳନା କରିଥିଲେ। ଏପରି କି ବିଡିଓ ବଲ୍ଲବୀରାଣୀ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବୈଠକରେ ପୂର୍ବ ଅଧିବେଶନର ବିବରଣୀ ପାଠ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଆସିଡିଏସ୍, କୃଷି ଆଦି ବିଭିନ୍ନ ବିଭାଗ ପକ୍ଷରୁ ଲେଫ୍ରିପଡା ବ୍ଲକ୍ ଅଧୀନ ୧୭ଟି ପଞ୍ଚାୟତରେ ସରକାରଙ୍କ ପ୍ରଚଳିତ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀ ଅବଗତ କରିଥିଲେ। ହେଲେ ବୈଠକରେ ଶିକ୍ଷା, ଜଙ୍ଗଲ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ସଭ୍ୟାସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କାର୍ଯ୍ୟକ୍ରମରେ ଲେଫ୍ରିପଡ଼ା ବ୍ଲକ ଉପାଧକ୍ଷ ଅମୀର କୁମାର ନାଏକ, ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ନାଏକ, ଜିପିଇଓ ଉଷାବତୀ ଗର୍ଡିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଏମ୍ପିଙ୍କ ପ୍ରତିନିଧି କୌତୁକ ଚୌଧୁରୀଙ୍କ ସହ ସରପଞ୍ଚ, ସମିତିସଭ୍ୟାସଭ୍ୟ, ବ୍ଲକ କର୍ମଚାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ସୋସିଆଲ ମିଡିଆରେ ଛାତ୍ରୀଙ୍କ ଫଟୋ ଭାଇରାଲ ଘଟଣା: ଯୁବକ ଗିରଫ

ଭବାନୀପାଟଣା,୬।୨ (ଡି.ଏନ.ଏ.)

ଭବାନୀପାଟଣା ସହରର ଏକ କଲେଜ ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରି ଚିଚୈଗୁଡାର ଜଣେ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସହରର ଏକ କଲେଜ ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ପରିବାର ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଜୁନାଗଡ ଥାନା ଅନ୍ତର୍ଗତ ଚିଚୈଗୁଡା ଗ୍ରାମର ଦୁଷ୍ମନ୍ତ ମେହେରଙ୍କୁ ମଙ୍ଗଳବାର ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

## କେସିପି ପଞ୍ଚାୟତ ୟୁପି ସ୍କୁଲରେ କୃମିନାଶକ ତାଲିମ ଶିବିର

ଲେଫ୍ରିପଡ଼ା,୬।୨ (ଡି.ଏନ.ଏ.)



କୃମିନାଶକ ତାଲିମ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଧୀନ ଗିରିଙ୍ଗକେଲା କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଜଗଦୀଶ ଦେହୁରୀ, ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ମହାଲିକ, ଭାଲେରିଆ ମିଞ୍ଜ, କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମିଶ୍ର, ଲେଫ୍ରିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରମଣୀ ପଟେଲ, ସର୍ଗିପାଲି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ମଙ୍ଗଳବାର ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇ କୃମିନାଶକ ଔଷଧ ପ୍ରଦାନ କରାଯାଇଥିଲା। ଅତିଥିମାନେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ବିଭିନ୍ନ ଦିଗରେ ତାଲିମ ପ୍ରଦାନ କରି କୃମିନାଶକ ଔଷଧ ପ୍ରଦାନ ଥିଲେ। କୃମିର ନିରାକରଣ ଉପରେ କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜୁସ୍ମିନା ପଟେଲ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ୍ ସତ୍ୟବ୍ରତ ଦାଶ, ପିଏଚ୍ଇଓ ଦୀପକ ଶର୍ମା ପ୍ରମୁଖଙ୍କ ସହ ଲେଫ୍ରିପଡ଼ା ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

■ ବିଜେଡିରେ ଯୋଗେଶ, କୁସୁମ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା

## ଏବେ ସନ୍ତୋଷଙ୍କ ଥଇଥାନ ଚିନ୍ତା

ସୁନ୍ଦରଗଡ଼,୬।୨ (ଡି.ଏନ୍.ଏ.)

ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେ ସୁନ୍ଦରଗଡର ବିକାଶକୁ ଆଗେଇ ନେବା ପାଇଁ ସଂକଳ୍ପ ନେଇଛନ୍ତି। ଅନ୍ୟପକ୍ଷେ ଯୋଗେଶଙ୍କ ବିଜେଡିରେ ଯୋଗଦାନକୁ ପୂର୍ବରୁ ବିରୋଧ କରୁଥିବା କୁସୁମ ମଧ୍ୟ ନବୀନଙ୍କ ନିଷ୍ପତ୍ତି ଆଗରେ ଚୁପ୍ ରହିବାକୁ ବାଧ୍ୟ ହୋଇଛନ୍ତି। ତାଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ପଦରେ ନିଯୁକ୍ତି ଦିଆଯାଇଛି। ଫଳରେ ଯୋଗେଶଙ୍କୁ ନେଇ ବିଜେଡିରେ ଉପୁଜିଥିବା ଦ୍ୱନ୍ଦ ପ୍ରାୟତଃ ଶାନ୍ତ ପଡିଛି। ଅନ୍ୟପକ୍ଷେ ବିଜେଡି ନେତା ସନ୍ତୋଷ ଅମାତଙ୍କୁ ନେଇ ଦ୍ୱନ୍ଦ ବଢ଼ିଛି। ଗତ ନିର୍ବାଚନରେ ତଳସରା ନିର୍ବାଚନ ମଣ୍ଡଳୀରୁ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦିତା କରି କଂଗ୍ରେସ ପ୍ରାର୍ଥୀଙ୍କଠାରୁ ସନ୍ତୋଷ ପରାଜିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ବିଜେଡିରେ ଯୋଗଦେଇଥିଲେ । ତାଙ୍କୁ ନବ ଗଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ହେଲେ ଗତ କିଛିଦିନ ତଳେ ତାଙ୍କୁ ସେହି ପଦବୀରୁ ଇସ୍ତଫା ଦେବା ପାଇଁ କୁହାଯାଇଥିଲା । ଅମାତ ସେହି ପଦବୀରୁ ଇସ୍ତଫା ଦେଇ ଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇ ନ ଥିଲା । ବର୍ତ୍ତମାନ ସେହି ପଦବୀରେ କୁସୁମଙ୍କୁ ନିଯୁକ୍ତି ଦିଆଯାଇଛି । ଏବେ ସନ୍ତୋଷଙ୍କୁ କେଉଁଠି ଥଇଥାନ କରାଯିବ ସେ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ବିଜେଡିରେ ଯୋଗେଶଙ୍କ ଯୋଗଦାନ ପରେ କୁସୁମ ତାଙ୍କୁ ସ୍ୱାଗତ କରିଛନ୍ତି। ସୁନ୍ଦରଗଡ଼ ଲୋକସଭା ସମେତ ୭ଟି ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରି ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ଯୋଗେଶ କୁସୁମଙ୍କ ସହଯୋଗ କାମନା କରିଛନ୍ତି। ଆମେ ଭାଇଭଉଣୀ ଭଳି ଏକାଠି ମିଶି କାମ କରିବୁ ବୋଲି ଯୋଗେଶ ତାଙ୍କ ସହଯୋଗ ଲୋଡିଛନ୍ତି । ଯୋଗେଶ ବିଜେଡିରେ ମିଶିବା ପରେ କଂଗ୍ରେସ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ କହିଛନ୍ତି। ସେହିପରି ବିଜେଡି ଓ କଂଗ୍ରେସର ଆଭିମୁଖ୍ୟକୁ ନଜରରେ ରଖି ଭାଜପା ମଧ୍ୟ ଜିଲାରେ କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ ରଣନୀତି ଜାରି ରଖିଥିବା ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ପ୍ରକାଶ କରିଛନ୍ତି।

## ପିଇଓଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ଭବାନୀପାଟଣା,୬।୨ (ଡି.ଏନ.ଏ.)

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ମାମଲା

ସରକାରୀ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅଧୀନସ୍ଥ ବଣିଜରା ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ପଦ୍ମମୁଖ ଶବର। ବୁଧବାର ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ମିଶ୍ର ପିଇଓ ଶବରଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଶସ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ମାମଲାରୁ ଜଣାପଡ଼ିଛି ଯେ, ଶବରଙ୍କ ବିରୋଧରେ ୪ ଲକ୍ଷ ୩୯ ହଜାର ୮୩୪ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ତରଫରୁ ତତ୍‌କାଳିନ ଡିଏସ୍‌ପି ବିରେନ୍ଦ୍ର କୁମାର ନାୟକ ମାମଲାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ ।